୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସ୍ବାର୍ଥ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.40 Bhubaneswar Friday March 21 2025 | ୨୭ତମ ବର୍ଷ ସଂଖ୍ୟା-୪୦ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୧, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଟାଟା ପାୱାର ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର,୨୦।୩(ପି.ଏନ): ଟାଟା ପାୱାର ପାଇଁ ଦିନକୁ ଦିନ ବଢ଼ିବାରେ ଲାଗିଛି ଲୋକଙ୍କ ସମସ୍ୟା । ଚୁକ୍ତିରେ ଯାହା ଥିଲା ତାର ଓଲଟା କାର୍ଯ୍ୟ କରୁଛି ଟାଟା ପାୱାର । ଲୋକଙ୍କୁ ନ ଜଣାଇ ବିଦ୍ୟୁତ ସେବା କାଟି ଦେଉଛନ୍ତି । ଯେଉଁ ପରିମାଣର ପାୱାର ଯୋଗାଇ ଦେବା କଥା ତାହା ଯୋଗାଇ ଦେଉ ନାହାନ୍ତି । ଘର ଭିତରେ ପଶି ଟାଟା ପାୱାର କମ୍ପାନୀର କର୍ମଚାରୀ ଫାଇନ୍ ଆଦାୟ କରୁଛନ୍ତି । ଟାଟା ପାୱାର ଘରେ ପସି ଜୋର ଜବରଦସ୍ତି ସ୍ମାର୍ଟ୍ ମିଟର ବସାଉଛନ୍ତି । ସାଧାରଣ ମିଟରଠାରୁ ସ୍ମାର୍ଟ୍ ମିଟରରେ ଅଧିକ ବିଲ୍ ଆସୁଛି । ଏମିତି କହି ଟାଟା ପାୱାର ଉପରେ ବିଜେଡି ବର୍ଷିବା ସହ ଶୀଘ୍ର ଲାଗୁ କରିବାକୁ ଯାଉଥିବା ପ୍ରିପେଡ ବ୍ୟବସ୍ଥାକୁ ଦୃଢ଼ ବିରୋଧ କରିଛି ଦଳ ।

ଦଳ ପକ୍ଷରୁ କୁହାଯାଇଛି, ଓଡ଼ିଶାରେ ଓଡ଼ିଶାବାସୀଙ୍କୁ ବିଦ୍ୟୁତ ସେବା ପ୍ରଦାନ ପାଇଁ ଟାଟା ପାୱାରକୁ ସରକାର ଦାୟିତ୍ୱ ଦେଇଥିଲେ । ଏବେ କିଛି ଦିନ ହେଲା ତାହାର ଖିଲାପ ଦେଖିବାକୁ ମିଳୁଛି । ଏହା ବିରୋଧରେ



ଓଡ଼ିଶା ବିଦ୍ୟୁତ ଉପୋଭୋକ୍ତା ମହାସଂଘ ଆସନ୍ତାକାଲି ଲୋୟର ପିଏମଜିରେ ସର୍ବଦଳୀୟ ଜନ ଆନ୍ଦୋଳନ କରିବାକୁ ଯାଉଛି । ବିଜେଡି ଏହି ଆନ୍ଦୋଳନର ଆଗରେ ରହି ଲଢେଇ କରିବ ବୋଲି ଶୁଣାଇ ଦେଇଛି । ସ୍ମାର୍ଟ୍ ମିଟର ବର୍ଜନ, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ ଯୋଗାଇବା, ବିଦ୍ୟୁତ ଦରବୃଦ୍ଧିକୁ ହ୍ରାସ କରିବା ଆଦି ଦାବିରେ ଲଢେଇ ହେବ ।୩୦୦ ୟୁନିଟ୍ ମାଗଣା ଦେବାକୁ ବିଜେପି ସରକାର ପ୍ରତିଶ୍ରୁତି ଦେଇ ଭୋଟ ନେଇଥିଲେ । ଏହା ଭିତରେ ଦୁଇଟି ବିଧାନସଭା ଅଧିବେଶନ ଗଲାଣି । ଏପର୍ଯ୍ୟନ୍ତ ୩୦୦ ୟୁନିଟ୍ ମାଗଣା ଦେଲେ ନାହିଁ । କୃଷି କ୍ଷେତ୍ରକୁ ମାଗଣା ବିଦ୍ୟୁତ ଯୋଗାଇବା ଦେବାର ପ୍ରତିଶ୍ରୁତି ଦେଇଥିଲେ । ଟାଟା ପାୱାର ଏକ ପାଖିଆ ଭାବେ ଉପଭୋକ୍ତାଙ୍କୁ ଭାରାକ୍ରାନ୍ତ କରୁଛି । ତେଣୁ ଆସନ୍ତାକାଲି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ କରି ବିଜେଡି ଚେତାବନୀ ଦେଇଛି ।

## ବିରୋଧୀଙ୍କ ସ୍ୱରକୁ ଚପାଇ ଦେବାକୁ ଉଦ୍ୟମ, ଗୃହରେ ହୁଇସିଲ ମାରି ସରକାରଙ୍କୁ ବିରୋଧ

ଭୁବନେଶ୍ୱର,୨୦।୩(ପି.ଏନ): ମହିଳା ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ଲ??ଇକୁ ଆହୁରି ଜୋରଦାର କଲା କଂଗ୍ରେସ । ମହିଳାଙ୍କ ସ୍ୱାର୍ଥରକ୍ଷା ପ୍ରସଙ୍ଗରେ କଂଗ୍ରେସ ଯେଉଁ ଆଭିମୁଖ୍ୟ ପୋଷଣ କରିଛି, ତାକୁ ରାଜ୍ୟର ବିଜେପି ସରକାର ବିଧାନସଭାରେ ପ୍ରତିହତ କରିବାକୁ ଉଦ୍ୟମ କରୁଛି । ବିଧାନସଭାରେ ବିଜେପି ବିଧାୟକଙ୍କ ଗୁଣ୍ଡାଗିରିକୁ ପ୍ରଶ୍ରୟ ଦିଆଯିବା ସହ ବିରୋଧୀଙ୍କ କଥାକୁ ଲୋକଲୋଚନକୁ ଅଣାଯାଉନାହିଁ । ଯାହାକୁ ନେଇ କଂଗ୍ରେସ ବିଧାୟକ ଗୃହରେ ହୁଇସିଲ ଫୁଙ୍କି ଅଭିନବ ଢଙ୍ଗରେ ବିରୋଧ କରିବା ସହ ବାଚସ୍ପତିଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।ବିଧାନସଭା ଭିତରେ ହୁଇସିଲ ମାରି ଓ କଳାପଟି ବାନ୍ଧି ପ୍ରତିବାଦ । ବିଜେପିର ମନମାନି ଓ ଗଣତନ୍ତ୍ରକୁ ହତ୍ୟା ବିରୋଧରେ ଗର୍ଜନ । ରାଜ୍ୟରେ ବ? ଚାଲିଛି ମହିଳା ବିରୋଧୀ ହିଂସା । ସରକାରଙ୍କ ନୀରବତାକୁ ନେଇ ଲ??ଇ ଜାରି ରଖିଥିବା କଂଗ୍ରେସ ଏବେ ଆଉ ପାଦେ ଆଗକୁ ବଢିଛି । ଦୀର୍ଘ ଦିନ ହେଲା ବିଧାନସଭା ଭିତରେ ନାରୀ ସୁରକ୍ଷା, ଛାତ୍ରୀ ନିର୍ଯାତନା ପ୍ରସଙ୍ଗ ଉଠାଯାଉଥିଲା । ହେଲେ ସରକାର ଶୁଣିବା ବଦଳରେ ଆପଣାଇଛନ୍ତି ଦମନ ନୀତି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେ।କ' ୨୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

# ବିରୋଧୀଙ୍କୁ ସାଙ୍ଗରେ ନେଇ ଗୃହ ଚଳାଇବାକୁ ଚାହୁଁ ନାହାଁନ୍ତି ସରକାର: ବିଜେଡି

ଭୁବନେଶ୍ୱର,୨୦।୩(ପି.ଏନ): ନାରୀ ସୁରକ୍ଷାକୁ ନେଇ କଂଗ୍ରେସର ପ୍ରତିବାଦ ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ବିଜେଡି ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ କଟାକ୍ଷ । କହିଲେ, ସରକାର ବିରୋଧୀ ଦଳକୁ ସାଙ୍ଗରେ ନେଇ ଗୃହ ଚଳାଇବାକୁ ଚାହୁଁନି ।ସେ କହିଛନ୍ତି, କଂଗ୍ରେସ ପ୍ରଥମ ଦିନରୁ ହିଁ ନାରୀ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରି ପ୍ରତିବାଦ କରୁଛି । ହେଲେ ବାଚସ୍ପତି କେବଳ ଗୃହ ମୁଲତବୀ କରି ଚାଲିଛନ୍ତି । ନା' କଂଗ୍ରେସ ସହ ଆଲୋଚନା, ନା' ଗୃହ ଚଳାଇବାକୁ କଂଗ୍ରେସର



ସମର୍ଥନ ଲୋଡ଼ାଯାଉଛି । ସମସ୍ତଙ୍କୁ ବିଶ୍ୱାସକୁ ନେଇ ଗୃହ ପରିଚାଳନା କରିବା ସରକାରୀ ଦଳର ଦାୟିତ୍ୱ । ଆଜି ବି ନାରୀ ସୁରକ୍ଷା ଓ ଗୃହ ପରିଚାଳନା ସରକାରୀ ଦଳ ପାଇଁ ଅପ୍ରସଙ୍ଗ ଥିବା ରାଜ୍ୟବାସୀଙ୍କୁ ବିଚଳିତ କରୁଛି ବୋଲି ଅଭିଯୋଗ କରିଛନ୍ତି ପ୍ରମିଳା । କଂଗ୍ରେସ ଏତେ ଦିନରୁ ପ୍ରତିବାଦ କରୁଥିବା ବେଳେ, ସରକାରଙ୍କ ପକ୍ଷରୁ କେହି ତାଙ୍କ ସହ ଆଲୋଚନା କରୁ ନଥିବାରୁ ଉଦବେଗ ପ୍ରକାଶ କରିଛନ୍ତି ପ୍ରମିଳା।

# ମିଶନ ବାତ୍ସଲ୍ୟ ବାଟବଣା: ୮ ମାସରେ ୧୩ ହଜାର ନିଖୋଜ

ଭୁବନେଶ୍ୱର,୨୦।୩(ପି.ଏନ): ୮ ମାସରେ ରାଜ୍ୟରେ ୧୩ ହଜାର ଲୋକଙ୍କ ପତ୍ତା ମିଳୁନି । ହଜିଥିଲେ ୨୦ ହଜାର, ମିଳିଛନ୍ତି ମାତ୍ର ୭ ହଜାର । ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'ମିଶନ ବାତ୍ସଲ୍ୟ' ଏବେ ବାଟବଣା । ବିଧାୟକ ସୋଫିଆ ଫିର୍‌ଦ୍‌ଦୋଷଙ୍କ ପ୍ରଶ୍ନର ଏଭଳି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ରାଜ୍ୟରେ ଉଦବେଗଜନକ ସ୍ଥିତିରେ ନିଖୋଜ ମାମଲା । ୮ ମାସରେ ୧୩ ହଜାର ଲୋକ ନିଖୋଜ । ଶିଶୁ ଓ ଯୁବତୀ ନିଖୋଜ ନେଇ ସାଙ୍ଘାତିକ ତଥ୍ୟ । ସାମାଜିକ ଲଜ୍ୟାରୁ ଏତଲା ଦେବାକୁ ଇଚ୍ଛା କରୁନାହାନ୍ତି ପରିବାର ।ରାଜ୍ୟରେ ବିଗତ ୮ ମାସରେ କେତେ ଲୋକ ନିଖୋଜ ହୋଇଛନ୍ତି ନେଇ ବାରବାଟୀ କଟକ ବିଧାୟକ ସୋଫିଆ ଫିର୍‌ଦ୍‌ଦୋଷ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ବିଧାନସଭାରେ ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ତଥ୍ୟ



ମୁତାବକ, ୨୦୨୪ ଜୁନ ୧ ରୁ ୨୦୨୫ ଫେବୃଆରୀ ୨୮ ମଧ୍ୟରେ ରାଜ୍ୟରୁ ୨୦ ହଜାର ୬୦ ଜଣ ନିଖୋଜ ହୋଇଥିବା ନେଇ ମାମଲା ରୁଜୁ ହୋଇଛି । ସେମାନଙ୍କ ମଧ୍ୟରୁ ୭ ହଜାର ୪୮ ଜଣଙ୍କୁ ଉଦ୍ଧାର କରାଯାଇଛି । ୧୩ ହଜାର ୧୨ ଜଣଙ୍କ ପତ୍ତା ଏଯାବତ ମିଳିପାରିନାହିଁ । ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ ଅଛନ୍ତି ଶିଶୁ । ଆର୍ଥିକ ଅନାଟନ, ଶିକ୍ଷା ଦୀକ୍ଷାର ଅଭାବ, ଦାଦନ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ଓଡିଶା ପୋଲିସର ଭିତ୍ତିଭୂମିର ଅଭାବ ଯୋଗୁଁ ନିଖୋଜ ସଂଖ୍ୟା ବଢୁଥିବା କୁହାଯାଇଛି ।ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ମୁତାବକ ରାଜ୍ୟରେ ଥିବା ମୋଟ ୬୪୯ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ପାଇଁ ପ୍ରସ୍ତାବ ରହିଛି । ଓଡିଶା ପୋଲିସରେ ଏ ସଂକ୍ରାନ୍ତରେ ଖାଲି ଥିବା ପଦବୀ ପୂରଣ ନିମନ୍ତେ ଯୋଜନା ଚାଲିଛି । ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ସ୍ପେଶାଲ ଜୁଭେନାଇଲ ପୋଲିସ ୟୁନିଟମାନଙ୍କରେ ଜିଲ୍ଲା ସ୍ତରରେ ଗାଡି ଓ ଡ୍ରାଇଭର ରଖାଯାଇଛି । କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମିଶନ ବାତ୍ସଲ୍ୟ ପୋଟାଲ କାମ କରୁଥିଲେ ସୁଦ୍ଧା ଜାତୀୟ ସ୍ତରରେ ସିଡବ୍ଲୁସି ଓ ସିସିଆଇ ପକ୍ଷରୁ ନିଖୋଜ ଶିଶୁଙ୍କ ସମ୍ପର୍କିତ ତଥ୍ୟ ଅପଲୋଡ୍ କରାଯାଉନାହିଁ। ଯେଉଁଥିପାଇଁ ଓଡ଼ିଶାରେ ନିଖୋଜ ଶିଶୁଙ୍କୁ ଠାବ କରିବା କଷ୍ଟକର ହୋଇପଡୁଛି । ନିଖୋଜ ନେଇ ଅନେକ ସ୍ଥାନରେ ଏତଲା ହେଉନାହିଁ । ସାମାଜିକ ଲଜ୍ଜା ଯୋଗୁଁ ମହିଳା ଓ ନାବାଳିକାଙ୍କ କ୍ଷେତ୍ରରେ ପରିବାର ପକ୍ଷରୁ ଏତଲା ନହେବା, ଚିନ୍ତାର ବିଷୟ ପାଲଟିଛି ।

# କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର, ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨୦।୩(ପି.ଏନ): ମହାବିରୋଡ଼-ଚାନ୍ଦପୁର ରାସ୍ତାରେ ଥିବା କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର । ମୃତ ଯୁବକ ହେଲେ ଦଶିପୁର ପଞ୍ଚାୟତ ଭାଲୁମୁଣ୍ଡା ଗାଁର ନବ ଦେହୁରୀଙ୍କ ପୁଅ ଲୁଲୁ ଦେହୁରୀ । ଲୁଲୁଙ୍କୁ ହତ୍ୟା କରାଯାଇଥିବାର ଅଭିଯୋଗ ଆଣଇଲେ ପରିବାର ଲୋକେ ।ଲୁଲୁ ଯାଜପୁର ଜିଲ୍ଲା ଡୁବୁରିରେ ଥିବା ଜିନ୍ଦଲ ପ୍ଲାଣ୍ଟରେ କାମ କରୁଥିଲେ। ଗତକାଲି ଦଶିପୁର ଗାଁର ଦୋଳଯାତ୍ରା ପାଇଁ ଛୁଟି ନେଇ ସେ ଘରକୁ ଆସିଥିଲେ । ଯାତ୍ରା ଦେଖିବାକୁ ଯାଇ ଆଉ ଘରକୁ ଫେରି ନଥିଲେ । ତାଙ୍କ ଫୋନ୍ ଅଫ୍ ଥିଲା । ପରିବାର ଲୋକ ଏଣେ ତେଣେ ବହୁ



ଖୋଜାଖୋଜି କରିବା ପରେ ବି ସନ୍ଧାନ ପାଇ ନଥିଲେ । ଆଜି ଲୁଲୁଙ୍କ ମୃତଦେହ ମହାବିରୋଡ଼-ଚାନ୍ଦପୁର ରାସ୍ତାର କାଜୁ ଜଙ୍ଗଲରୁ ମିଳିଥିଲା । ଶରୀର ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । କାହା ସହିତ ଲୁଲୁଙ୍କ କୌଣସି ପୂର୍ବ ଶତ୍ରୁତା ନ ଥିବା ବି ପରିବାର ଲୋକେ କହିଛନ୍ତି ।ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପାଠାଇଛି । ଏହାସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି ।

# ଥାନା ପରିସରରେ କିନ୍ନରଙ୍କ ତାଣ୍ଡବ: ଉଲଗ୍ନ ହେଲେ, ଥାନା ଅଧିକାରୀଙ୍କୁ ମାଡ଼ ମାରିଲେ

ବାରିପଦା,୨୦।୩(ପି.ଏନ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ପରିସରରେ କିନ୍ନରଙ୍କ ତାଣ୍ଡବ । ୩ ଘଣ୍ଟାରୁ ଅଧିକ ସମୟ ଧରି ଥାନା ପରିସରରେ କଲେ ହୋହାଲ୍ଲା । ବେଞ୍ଚ ଡେସ୍କ ବାହାରକୁ କାଢ଼ି ନେଇ ଭାଙ୍ଗି ଚୁରମାର କରିବା ସହ ଅଶ୍ଳୀଳ ଭାଷାରେ କଲେ ଗାଳିଗୁଲଜ । ଥାନା ଅଧିକାରୀଙ୍କୁ ଟଣାଓଟରା ସହ ମାଡ ମାରିଲେ କିନ୍ନର। ନିଜ ଅଙ୍ଗବସ୍ତ୍ର ଖୋଲି ଥାନା ପରିସରରେ କଲେ ତାଣ୍ଡବ ନୃତ୍ୟ । ନୀରବଦ୍ରଷ୍ଟା ସାଜିଲା ପୋଲିସ । ସୂଚନାଯୋଗ୍ୟ, କିନ୍ନର ସହ ଜଣେ ଯୁବକର ଅନ୍ତରଙ୍ଗ ପ୍ରେମ ସମ୍ପର୍କ ଭିଡିଓ ଭାଇରଲ ହେବା ଘଟଣାକୁ ନେଇ ଥାନାରେ ଏଫଆଇଆର ଦେବାକୁ ରାଜନଗର ଅଞ୍ଚଳରୁ କିନ୍ନରମାନେ ଆସିଥିଲେ । ହେଲେ ପୋଲିସ ଅଭିଯୋଗ ଗ୍ରହଣ କରି ନଥିଲା । ଯାହାକୁ ନେଇ କିନ୍ନରମାନେ ରାଗି ଯାଇ ଥାନାରେ ପଶି ଏଭଳି କାଣ୍ଡ ଭିଆଇଛନ୍ତି ।

# ପରକୀୟା ପ୍ରୀତି କଥା ଜାଣି ଦେଲେ ସ୍ୱାମୀ: ପ୍ରେମିକ ସହ ମିଶି ଜୀବନ ନେଇଗଲା ସ୍ତ୍ରୀ

ଭୁବନେଶ୍ୱର,୨୦।୩(ପି.ଏନ): ପୁଣି ଜଣେ ପତିହନ୍ତା ମହିଳାଙ୍କ ଜଘନ୍ୟକାଣ୍ଡ ସାମ୍ନାକୁ ଆସିଛି। ବୁଧବାର ରିପୋର୍ଟ ବାହାରିଥିଲା ଯେ ଉତ୍ତର ପ୍ରଦେଶର ମୀରଟରେ କେମିତି ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ପ୍ରେମିକ ସହ ମିଶି ହତ୍ୟା କରିଥିଲେ। ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ଡ୍ରମରେ ଭର୍ତ୍ତି କରି ସିମେଣ୍ଟରେ ସିଲ କରି ଦେଇଥିଲେ। ଏହାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏବେ ରାଜସ୍ଥାନର ଜୟପୁରରୁ ସମାନ ଘଟଣା ସାମ୍ନାକୁ ଆସିଛି ।ଏଠାରେ



ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ପ୍ରେମିକ ସହ ମିଶି ହତ୍ୟା କରିଛନ୍ତି। ସ୍ୱାମୀ ଜଣଙ୍କ ପରକୀୟା ପ୍ରୀତି ସମ୍ପର୍କରେ ଜାଣି ପ୍ରଶ୍ନ କରିବାରୁ ମହିଳା ଜଣଙ୍କ ଏପରି କାଣ୍ଡ ଘଟାଇଛନ୍ତି। ହତ୍ୟା ପରେ ପ୍ରେମିକ ସହ ମିଶି ମହିଳା ଜଣଙ୍କ ବାଇକରେ କେମିତି ସ୍ୱାମୀଙ୍କ ମୃତଦେହକୁ ଅଖାରେ ଭର୍ତ୍ତି କରି ନେଉଥିଲେ ତା'ର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି। ଦୁଇ ଅଭିଯୁକ୍ତ ମୃତଦେହକୁ ନିଆଁରେ ପୋଡି ପ୍ରମାଣ ନଷ୍ଟ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ।

# ଆଦିବାସୀ ବିରୋଧୀ ରାଜ୍ୟ ସରକାର: ଗୁଣୁପୁର ଓ ମୟୂରଭଞ୍ଜ ଆଦିବାସୀ ଆବାସିକ ହଷ୍ଟେଲ ସମସ୍ୟା ନେଇ ଗୃହ ହୁଲସ୍ଥୁଲ

ଭୁବନେଶ୍ୱର,୨୦।୩(ପି.ଏନ): ଗୁଣୁପୁର ଅନ୍ୱ?ଷା ହଷ୍ଟେଲରେ ଛାତ୍ରମାନଙ୍କୁ ଆକ୍ରମଣ । ମୟୂରଭଞ୍ଜ ଜିଲ୍ଲାର ବାସି ପିଠା ଆଦିବାସୀ ଆବାସିକ ହାଇସ୍କୁଲରେ ନିମ୍ନମାନର ଖାଦ୍ୟ ଓ ନିର୍ଯାତନା ପ୍ରସଙ୍ଗରେ ବିଧାନସଭାରେ ହୁଲସ୍ଥୁଲ । ବିରୋଧୀଙ୍କ ଅଭିଯୋଗ, ବିଜେପି ସରକାର ଆସିଲା ଦିନରୁ ଆଦିବାସୀ ହଷ୍ଟେଲରେ ଛାତ୍ରଛାତ୍ରୀ ଅସୁରକ୍ଷିତ । ବିରୋଧୀ ଆସନରେ ବିଜେପି ଥିବା ବେଳେ ଯାହା କହିଥିଲା, ଆଦିବାସୀଙ୍କ ସୁରକ୍ଷା ପାଇଁ ତାହା କାମରେ କରି ଦେଖାଉ ବୋଲି ମୁଲତବୀ ପ୍ରସ୍ତାବ ଆଲୋଚନାରେ ଦାବି କରିଛି ବିଜେଡି । ଏହାର ପାଲଟା ଜବାବ ଦେଇଛି ଶାସକ ଦଳ । ଫଳରେ ଆବାସିକ ବିଦ୍ୟାଳୟର ସୁରକ୍ଷା ଓ ବ୍ୟବସ୍ଥାକୁ ନେଇ କମ୍ପିଛି ଗୃହ ।ଗୁଣପୁର ଅନ୍‌ବେଷା ହଷ୍ଟେଲରେ ଛାତ୍ରଙ୍କୁ ଆକ୍ରମଣ ଓ ମୟୂରଭଞ୍ଜ ଜିଲ୍ଲାର ବାସିପିଠା ଆଦିବାସୀ ଆବାସିକ ହାଇସ୍କୁଲରେ ନିମ୍ନମାନର ଖାଦ୍ୟ ଓ ନିର୍ଯାତନା ଅଭିଯୋଗ । ରାତି ଅଧରେ ହଷ୍ଟେଲ ଛାଡ଼ିଲେ ୧୧୬ ଆଦିବାସୀ ଛାତ୍ର । ୨୫ କିମି ରାସ୍ତା ଚାଲି ଚାଲି ଗଲେ । ବିରୋଧୀଙ୍କ ଅଭିଯୋଗ ବିଜେପି ସରକାରଙ୍କ ଦାୟିତ୍ୱହୀନତା ପାଇଁ ଏପରି ଘଟଣା ଘଟିଲା । ଏହି ପ୍ରସଙ୍ଗକୁ ନେଇ ହୁଲସ୍ଥୁଲ ହୋଇଛି ବିଧାନସଭା । ମୁଖ୍ୟ ବିରୋଧୀ ଦଳ ବିଜେଡି ମୁଲତବୀ ପ୍ରସ୍ତାବ ଆଲୋଚନାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି । ବରିଷ୍ଠ ବିଜେଡି





ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଭିଯୋଗ କରିଛନ୍ତି, ସରକାରଙ୍କ ନାକ ତଳେ ନାବାଳିକା ଛାତ୍ରୀ ପ୍ରସବ କରୁଛନ୍ତି । ୯ ମାସରେ ଆବାସିକ ବିଦ୍ୟାଳୟରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି । ଏସସି/ଏସଟି ବିଭାଗ ବଜେଟ ଅର୍ଥର ଏଯାଏଁ ମାତ୍ର ୪୨ ପ୍ରତିଶତ ଖର୍ଚ୍ଚ କରିଛି । ଏହା ସାମ୍ବିଧାନିକ ଜାଲିଆତି । ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଓ SC/ST ବିଭାଗର ମନ୍ତ୍ରୀ ହେଉଛନ୍ତି ଆଦିବାସୀ । ଏହା ପରେ ବି ରାଜ୍ୟର ଆଦିବାସୀମାନେ ଅବହେଳିତ । ଇତିହାସ ବିଜେପି ସରକାରକୁ କେବେ କ୍ଷମା ଦେବନି । ବିରୋଧୀରେ ଥିବା ବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଆବାସିକ ବିଦ୍ୟାଳୟ ପାଇଁ ଯେଉଁ ଦାବି କରୁଥିଲେ, ଏବେ ନିଜେ ସେହି ସବୁ ଦାବି ପୂରଣ କରନ୍ତୁ ବୋଲି ମନେ ପକାଇ ଦେଇଥିଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା ଆଲୋଚନାରେ ଭାଗ ନେଇ ନବୀନ ପଟ୍ଟନାୟକ ସରକାର ଆଦିବାସୀଙ୍କ ପାଇଁ କ'ଣ କ'ଣ କରିଥିଲେ, ତାର ଲମ୍ବା ତାଲିକା ରଖିଥିଲେ । ୨୦୦୬-୦୭ରେ ହଜାରେ ହଷ୍ଟେଲ କରିଥିଲେ । ପାଞ୍ଚ ବର୍ଷରେ ୫ ହଜାରରୁ ଅଧିକ ହେଲା । ୧୭ ଆଦିବାସୀ ଅଞ୍ଚଳର ସହରରେ ୩୦୦ରୁ ଅଧିକ ଇଂରାଜୀ ସ୍କୁଲ ପ୍ରତିଷ୍ଠା ହେଲା । ୧୦୦ରୁ ଅଧିକ ହଷ୍ଟେଲ କରାଗଲା । ହଷ୍ଟେଲରେ ତ୍ରିସ୍ତରୀୟ ସୁରକ୍ଷା ସହ ପିଲାଙ୍କ ଯିବା ଆସିବାର ହିସାବ ରଖାଯାଉଥିଲା । ଏବେ କିନ୍ତୁ ସରକାର ପିଲାଙ୍କୁ ସୁରକ୍ଷା ଦେଇ ପାରୁ ନାହାନ୍ତି। ରାତି ଅଧରେ ୧୨୬ ପିଲା ହଷ୍ଟେଲ ଛାଡ଼ି ଚାଲି ଚାଲି ଯିବା କଥା ସରକାର ଜାଣିପାରିଲେ ନାହିଁ । ବିଜେଡି ଅଭିଯୋଗରେ ଜବାବ ରଖିଥିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ କହିଛନ୍ତି, ଆମ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ଉନ୍ନତି ଚାହାନ୍ତି । ହଷ୍ଟେଲ୍ ଅନ୍ତେବାସୀଙ୍କ ପାଇଁ ଡିଜିଟାଲ ଡାଟା ବେସ୍ କାର୍ଡ ହେବ । ନିରନ୍ତର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ । ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ହଷ୍ଟେଲ୍ ପାଚେରୀ ୮ ଫୁଟ କରାଯିବ । ଅନ୍ୟପକ୍ଷରେ ମୁଲତବୀ ଆଲୋଚନାକୁ କଂଗ୍ରେସ ବର୍ଜନ କରିଥିଲା।

# ନକ୍ସଲ ମୁକ୍ତ ଭାରତ ଅଭିଯାନକୁ ବଡ ସଫଳତା: ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୨୨ ମାଓବାଦୀ

ଭୁବନେଶ୍ୱର,୨୦।୩(ପି.ଏନ): ନକ୍ସଲଙ୍କ ବିରୋଧରେ ଆର୍‌ପାର୍ ଲଢେଇ ଆରମ୍ଭ ହୋଇଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର କରିଥିବା ପଣ ଦିଗରେ ସୁରକ୍ଷାକର୍ମୀ ଆଉ ପାଦେ ଆଗେଇଛନ୍ତି। ଛତିଶଗଡର ଦୁଇଟି ସ୍ଥାନରେ ଚାଲିଥିବା ଅପରେସନକୁ ମିଳିଛି ବଡ ସଫଳତା। ରାଜ୍ୟର ପୁଲିସ୍ ଓ ଅର୍ଦ୍ଧ ସାମରିକ ବାହିନୀ ବେଶ ଚମତ୍କାର ଢଙ୍ଗରେ ଅପରେସନ କରି ୨୨ କୁଖ୍ୟାତ ନକ୍ସଲଙ୍କ ମୁଣ୍ଡ ଗଡାଇଛନ୍ତି ।ବିଜାପୁର ଓ କାଙ୍କରରେ ହୋଇଥିବା ଅପରେସନରେ ଛତିଶଗଡ ଜିଲ୍ଲା ରିଜର୍ଭ ଗାର୍ଡ ବା ଡିଆରଜିର ଜଣେ ଯବାନ ମଧ୍ୟ ସହିଦ



ହୋଇଛନ୍ତି। ଏହାପୂର୍ବରୁ ଫେବୃଆରୀ ୯ରେ ଓଡିଶା-ଛତିଶଗଡ ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ଜଣ ନକ୍ସଲ ନିପାତ ହୋଇଥିଲେ। ଏବେ ମାସକ ପରେ ସୁରକ୍ଷାକର୍ମୀଙ୍କୁ ପୁଣି ସଫଳତା ମିଳିଛି।

# 'ମହିଳାଙ୍କ ପ୍ରତି ଅହେତୁକ ଦୁର୍ବଳ'

ଅଭିନେତା ଜେସନ ଶାହ ଯିଏ କି ନିକଟରେ ସଞ୍ଜୟ ଲୀଲା ବଂଶାଲୀଙ୍କ ହୀରାମଣ୍ଡିରେ ନଜର ଆସିଥିଲେ, ସେ ଏବେ ଏକ ବଡ ବୟାନ ଦେଇଛନ୍ତି । ଖୁଲ୍ଲମଖୁଲ୍ଲା ଭାବରେ ଏହି ଅଭିନେତା ଜଣକ ସେକ୍ସ ପ୍ରତି ଥିବା ତାଙ୍କର ଦୁର୍ବଳତାକୁ ନେଇ ଖୋଲିକି କହିଛନ୍ତି। ହ୍ୟାଣ୍ଡସମ ହଙ୍କ ଅଭିନେତା ଜେସନ କହିଛନ୍ତି ଯେ ସେ ସେକ୍ସ, ମଦ ଓ ଧୂମ୍ରପାନ ପ୍ରତି ଅହେତୁକ ଦୁର୍ବଳ ହୋଇ ପଡିଥିଲେ। ପରେ ସେ କେତେ ବର୍ଷ ପରେ ଏହାକୁ ନେଇ ଅନୁଭବ କଲେ ଓ ନିଜ ଜୀବନରେ ଆଧ୍ୟାତ୍ମିକତାକୁ ସ୍ଥାନ ଦେବା ପରେ ଏଥିରୁ ମୁକ୍ତି ପାଇଛନ୍ତି। ଏକ ୟୁଟ୍ୟୁବ ଚ୍ୟାନେଲରେ ସାକ୍ଷାତକାର ଦେବା ସମୟରେ ଅଭିନେତା ଜେସନ ଶାହ କହିଛନ୍ତି ଯେ ସେ ଦିନକୁ ପ୍ରାୟ ଗୋଟିଏରୁ ଦୁଇ ପ୍ୟାକେଟ ସିଗାରେଟ ଟାଣୁଥିଲେ। ସେ ନିଶ୍ଚିତଭାବରେ କହି ପାରିବେ ଯେ ସେ ମହିଳାଙ୍କ ପ୍ରତି ଅହେତୁକ ଦୁର୍ବଳ ହୋଇ ପଡିଥିଲେ। ମହିଳାଙ୍କ ମାୟାରେ ସେ ବାୟା ଥିଲେ। ଏହିସବୁ ବଦଭ୍ୟାସ ଛାଡିବା ତାଙ୍କ ପାଇଁ କାଠିକର ପାଠ ହୋଇ ପଡିଥିଲା। ମାତ୍ର ଏସବୁକୁ ସେ ଏବେ ଛାଡି ଦେଇଛନ୍ତି। ଭଗବାନ ତାଙ୍କ ପ୍ରତି କୃପା କଲେ ଓ ସେ ଆଧ୍ୟାତ୍ମିକ ହୋଇ ଏଥିରୁ ମୁକ୍ତ ହୋଇ ପାରିଥିଲେ ବୋଲି ଜେସନ କହିଛନ୍ତି। ନିଜର ବର୍ତ୍ତମାନର ଜୀବନକୁ ମଧ୍ୟ ନେଇ ସେ କହିଛନ୍ତି। ଏବେ ସେ ଆଧ୍ୟାତ୍ମିକ ଶକ୍ତି ବଳରେ ପୂର୍ବଭଳି ଆଉ ନାହାନ୍ତି। ଯାହାକୁ ଡେଟ କରୁଛନ୍ତି ତାଙ୍କ ସହ ବିବାହ ପରେ ହିଁ ସେକ୍ସ କରିବେ ବୋଲି ଅଭିନେତା ଜଣକ ପ୍ରକାଶ କରିଛନ୍ତି। ଯୌନ ସଂପର୍କ ଦ୍ୱାରା ଜଣେ ପୁରୁଷ ଜଣେ ମହିଳାଙ୍କ ସହ ଭାବନାତ୍ମକ ଭାବରେ ଜଡିତ ହୋଇଥାଏ ବୋଲି ମଧ୍ୟ ଜେସନ କହିଛନ୍ତି।



# ଶୁଭାଯାଉନି କି ନା କହିପାରନ୍ତି, ତଥାପି ହିଟ୍



ଦୀର୍ଘ ଦିନରୁ ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ଜଣେ ବ୍ୟକ୍ତି ଅଜବ ଭାଷାରେ କିଛି ରାପ୍ କରୁଥିବାର ନଜର ଆସିଛନ୍ତି। କିନ୍ତୁ କାହାକୁ ବି ବୁଝା ପଡୁନି ଯେ ସେ କ'ଣ କହୁଛନ୍ତି ? ଏହି ବ୍ୟକ୍ତିଙ୍କ ଭିଡିଓରେ ଅନେକ ମେମ୍ସ ମଧ୍ୟ ହୋଇଛି। ଏଭଳି ଜଣେ ରାପର ହେଉଛନ୍ତି ମ୍ୟାକ୍ ବାବା। ଆଫ୍ରିକା ଦେଶର ମୂଳ ବାସିନ୍ଦା ହେଉଛନ୍ତି ରାପର ହେଉଛନ୍ତି ମ୍ୟାକ୍ ବାବା। ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କୋଙ୍ଗୋର ରାପର କ୍ରାନ୍ତିକାରୀ ଉପାୟରେ ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ବିପ୍ଳବ ଆଣିବା ପାଇଁ ଚେଷ୍ଟା କରୁଛନ୍ତି। ବହୁତ କମ୍ ସମୟ ମଧ୍ୟରେ ସେ ଦେଶ ବିଦେଶରେ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଅନେକ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମ୍ୟାକ୍ ବାବା ନା କହିପାରନ୍ତି ନା ଶୁଣିପାରନ୍ତି। ସେ ଶବ୍ଦ ନୁହେଁ ବରଂ ନିଜ ଆୱାଜ୍ ମାଧ୍ୟମରେ ରାପ୍ କରିଥାନ୍ତି। ହାତର ଇଶାରା ଏବଂ ଚେହେରାର ଏକ୍ସପ୍ରେସନ୍ ବ୍ୟବହାର କରିଥାନ୍ତି। କିନ୍ତୁ ଅଧିକାଂଶ ଲୋକ ତାଙ୍କୁ ବୁଝିପାରନ୍ତି ନାହିଁ। ତାଙ୍କର ଏକ ସିଗନେଚର ଷ୍ଟାଇଲ୍ 'ଡେଫ୍ ହାପ୍' ଦର୍ଶକଙ୍କ ମଧ୍ୟରେ ବେଶ ଲୋକପ୍ରିୟତା ହାସଲ କରିଛି। ତେବେ ଏକ ଭାଇରାଲ ମ୍ୟୁଜିକ ଭିଡିଓ ମାଧ୍ୟମରେ ସେ ଫେମସ୍ ହୋଇଥିଲେ। ୨୦୨୧ରେ ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ପାଦ ଥାପିଥିଲେ ମ୍ୟାକ୍ ବାବା। 'ଲା ବେସରାନ୍' ନାମକ ଏକ ଜୋଡ଼ି ଭାବରେ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ୨୦୨୩ରେ ସେ ନିଜ କ୍ୟାରିୟର ଗଢ଼ିବାକୁ ନିଷ୍ପତି ନେଇଥିଲେ। ଏଥିପାଇଁ ତାଙ୍କୁ ବହୁତ ସଂଘର୍ଷର ସାମ୍ନା କରିବାକୁ ପଡ଼ିଥିଲା। ଫଳରେ ଆଜି ସେ ସଫଳତାର ଶୀର୍ଷରେ ପହଂଚିପାରିଛନ୍ତି। ଗୋଟିଏ ଦିନରେ ତାଙ୍କ ଭିଡିଓର ଏକ କ୍ଲିପକୁ ପ୍ରାୟ ୧୦ ମିଲିୟନ୍ ଦର୍ଶକ ଦେଖିଥାନ୍ତି। ତାଙ୍କ ପ୍ରତିଭାକୁ ତାଙ୍କ ସାଥି ଏବଂ ଦେଶବାସୀ ହୃଦୟର ସହ ଆପଣାଇଛନ୍ତି। ସେ ନିଜ କ୍ୟାରିୟରରେ ଆଗରୁ ବଢ଼ିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଲକ୍ଷ ରଖିଛନ୍ତି।

# ଜାପାନରେ ନିର୍ମିତ ହେବ ଚଳନ୍ତା ସଡ଼କ

ଜାପାନର ରାଜଧାନୀ ସହର ଟୋକିଓ ଓ ଅନ୍ୟତମ ବ୍ୟାବସାୟିକ ପେଣ୍ଠସ୍ଥଳୀ ଓସାକା ମଧ୍ୟରେ ପଣ୍ୟ ପରିବହନ ପାଇଁ ସରକାର ଏକ ଅଭିନବ ରାସ୍ତା ଆପଣେଇବାକୁ ଯାଉଛନ୍ତି। କୌଣସି ସ୍ୱତନ୍ତ୍ର ରାଜପଥ ନିର୍ମାଣ ନୁହେଁ, ବରଂ ୩୧୦ ମାଇଲ ବା ୫୦୦ କି.ମି. ଦୀର୍ଘ ଏକ କନଭେୟର୍ ବେଲ୍ଟ ସ୍ଥାପନ କରି ପରିବହନ ସମସ୍ୟାର ସମୟୋଚିତ ସମାଧାନ କରିବାକୁ ଜାପାନ ସରକାର ଯୋଜନା କରିଛନ୍ତି। ଗୋଟିଏ ଗୁଳିରେ ଦୁଇଟି ଶିକାର କଲା ଭଳି ଏହାଦ୍ୱାରା ଜାପାନରେ ଦେଖାଦେଇଥିବା ଟ୍ରକ୍ ଚାଳକଙ୍କ ଘୋର ଅଭାବ ଜନିତ ସମସ୍ୟାର ସମାଧାନ ସହ ଟ୍ରକ୍ ଧୂଆଁ ହେତୁ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକିବାର ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ଏହି ସ୍ୱୟଂଚାଳିତ କନଭେୟର ବେଲ୍ଟରେ ଦୈନିକ



୨୫ ହଜାର ଟ୍ରକଭର୍ତି ପରିମାଣର ପଣ୍ୟ ପରିବହନ ହୋଇପାରିବ ବୋଲି ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଜାପାନ ପରି ଉନ୍ନତ ଦେଶରେ ପଣ୍ୟ ପରିବହନ ପାଇଁ ଆବଶ୍ୟକ ସଂଖ୍ୟକ ଗାଡ଼ି ଚାଳକଙ୍କ ଅଭାବ ଲାଗି ରହିଛି। ଏକ ପରିସଂଖ୍ୟାନ ଅନୁଯାୟୀ, ୨୦୨୦ ମସିହାରେ ଦେଶର ମୋଟ ପଣ୍ୟ ପରିବହନ ପାଇଁ ୬.୬ ଲକ୍ଷ ମାଲବାହୀ ଗାଡ଼ି ଚାଳକ ରହିଥିବା ବେଳେ ତାହା ପର୍ଯ୍ୟାପ୍ତ ନୁହେଁ। ଏପରିକି ୨୦୩୦ ବେଳକୁ ସେହି ସଂଖ୍ୟା ୩୬ ପ୍ରତିଶତ ହ୍ରାସ ପାଇ ପ୍ରାୟ ୪.୮ ଲକ୍ଷରେ ପହଂଚିବ। ଅର୍ଥାତ୍ ୨୦୨୦ ମସିହାରେ ଦେଶର ମୋଟ ୧୪୩ କୋଟି ଟନ୍ ଓଜନର ପଣ୍ୟ ପରିବହନ ହୋଇଥିବା ବେଳେ ୨୦୩୦ ବେଳକୁ ଉପଲବ୍ଧ ଗାଡ଼ିଚାଳକଙ୍କ ଦ୍ୱାରା ୧୪୦ କୋଟି ଟନ୍ ମାଲ୍ ପରିବହନ ହୋଇପାରିବ। ଏହି ସ୍ୱୟଂଚାଳିତ ରାସ୍ତା ଜାପାନରେ ଦେଖାଦେଇଥିବା ଟ୍ରକ୍ ଚାଳକଙ୍କ ଅଭାବ ଜନିତ ସମସ୍ୟାର ସମାଧାନ ସହ ଟ୍ରକ୍ ଧୂଆଁ ହେତୁ ହେଉଥିବା ପରିବେଶ ପ୍ରଦୂଷଣକୁ ମଧ୍ୟ ଦୂର କରିବ। ଏପରି ମାଲ୍ ପରିବହନରେ ହ୍ରାସ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ତାହାର ମୁକାବିଲା ପାଇଁ ସରକାର ଏପରି ଏକ ସୁଦୀର୍ଘ କନ୍‌ଭେୟର ବେଲ୍ଟ ସ୍ଥାପନ ପାଇଁ ଯୋଜନା କରିଛନ୍ତି। ଦିନକୁ ଚବିଶଘଂଟା ସ୍ୱୟଂଚାଳିତ ଭାବେ ଏହି ବେଲ୍ଟ ମାଧ୍ୟମରେ ଯେତିକି ମାଲ୍ ପରିବହନ ହୋଇପାରିବ ତାହା ଦୈନିକ ୨୫ ହଜାର ଟ୍ରକ୍ ତଥା ଗାଡ଼ିଚାଳକଙ୍କ କାମ ସଙ୍ଗେ ସମାନ ହେବ ବୋଲି ଆକଳନ କରାଯାଉଛି। ଏଥି ସହିତ ପାରମ୍ପରିକ ଟ୍ରକ୍ ପରିବହନ ଜନିତ ଏତେ ସଂଖ୍ୟକ ଟ୍ରକ୍‌ରୁ ନିଷ୍କାସିତ ପ୍ରଭୂତ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ମଧ୍ୟ ଆଉ ବାୟୁମଣ୍ଡଳରେ ମିଶିବାର ସମ୍ଭାବନା ରହିବନି। ସୁତରାଂ ଏହି ସୁଦକ୍ଷ ତଥା ସବୁଜ ପ୍ରକଳ୍ପ ସରକାରଙ୍କୁ ଉଭୟ ଦିଗରୁ ଆଶ୍ୱସ୍ତ କରିବ ବୋଲି ଆଶା କରାଯାଉଛି।

# ସୁଟିଂ ବେଳେ ଆହତ ହେଲେ ଉର୍ବଶୀ



ସୁଟିଂ ବେଳେ ଗୁରୁତର ଆହତ ହେଲେ ଉର୍ବଶୀ ରାଉତେଲା। ସୂଚନା ଅନୁସାରେ ତାଙ୍କ ହାତରେ ଗଭୀର ଆଘାତ ଲାଗିବା କାରଣରୁ ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତି କରାଯାଇଛି। ବର୍ତମାନ ଅଭିନେତ୍ରୀ ଚିକିତ୍ସିତ ହେଉଛନ୍ତି। ବାସ୍ତବରେ, ଫ୍ରି ପ୍ରେସ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ଉର୍ବଶୀ ହାଇଦ୍ରାବାଦରେ ନନ୍ଦାମୁରୀ ବାଲାକ୍ରିଷ୍ଣାଙ୍କ ଆଗାମୀ ତେଲୁଗୁ ଚଳଚ୍ଚିତ୍ର ଏନ୍‌ବିକେ ୧୦୯ ରେ ପାଇଁ ସୁଟିଂ କରୁଛନ୍ତି। ଏହି ଚଳଚ୍ଚିତ୍ରର ଏକ ଆକ୍ସନ୍ ସିନ୍ ସୁଟିଂ ହେବା ବେଳେ ଅଭିନେତ୍ରୀ ଆହତ ହୋଇଥିଲେ। ଯାହା ପରେ ତାଙ୍କୁ ବର୍ତମାନ ଡାକ୍ତରଖାନାରେ ଭର୍ତି କରାଯାଇଛି। ତାଙ୍କ ହାତ ଭାଙ୍ଗି ଯାଇଥିବା ନେଇ ସୂଚନା ରହିଛି। ଉର୍ବଶୀ ରାଉତେଲା ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏହି ଚଳଚ୍ଚିତ୍ରର ସୁଟିଂ ହାଇଦ୍ରାବାଦରେ ଜାରି ରହିଛି। ସୁଟିଂ ବେଳେ ଅଭିନେତ୍ରୀ ଗୁରୁତର ଆହତ ହୋଇଛନ୍ତି। ଉର୍ବଶୀ ଡାକ୍ତରଖାନାରୁ କୌଣସି ଫଟୋ କିମ୍ବା ଭିଡିଓ ପ୍ରକାଶ ପାଇନାହିଁ। ବର୍ତମାନ ପ୍ରଶଂସକମାନେ ଅଭିନେତ୍ରୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି। ତେବେ ଏହି ଚଳଚ୍ଚିତ୍ରରେ ବବି ଦେଓଲ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଅକ୍ଟୋବର ୨୦୨୪ ସୁଦ୍ଧା ଏହି ଚଳଚ୍ଚିତ୍ର ମୁକ୍ତିଲାଭ ହୋଇପାରେ।

# ସାମ୍ନାକୁ ଆସିଲା ଶାହରୁଖ ଖାନଙ୍କ ୩୬ ବର୍ଷ ପୁରୁଣା ଭିଡିଓ

ବଲିଉଡର ବାଦଶାହ ଶାହରୁଖ ଖାନଙ୍କ ପ୍ରଶଂସକ ଖାଲି ଦେଶ ନୁହେଁ, ବିଦେଶରେ ମଧ୍ୟ। ତାଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ଆପଣ ଜାଣିଛନ୍ତି କି ୧୦୦ରୁ ଅଧିକ ଫିଲ୍ମରେ କାମ କରିଥିବା ଶାହରୁଖ ଖାନ ନିଜ ଅଭିନୟ କ୍ୟାରିୟର ଏକ ଟେଲିଭିଜନ ଧାରାବାହିକରୁ ଆରମ୍ଭ କରିଥିଲେ। ତାଙ୍କ ପ୍ରଥମ ସିରିଏଲର ନାଁ ଥିଲା 'ଦିଲ ଦରିୟା'। ୩୬ ବର୍ଷ ପୂର୍ବରୁ ଆସିଥିବା ଏହି ସିରିଏଲର କିଛି କ୍ଲିପ୍ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏଥିରେ ଶାହରୁଖ ଖାନଙ୍କୁ ଦେଖି ଦର୍ଶକ ପୁଣି ନିଜ ହୃଦୟ ଦେଇ ବସୁଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ରଖିବା ପୂର୍ବରୁ ବଲିଉଡ ବାଦଶାହ ଶାହରୁଖ ଖାନ୍ ୧୯୮୮ରେ ଟିଭିରେ ଡେବ୍ୟୁ କରିଥିଲେ। ଏହା ପରେ ସେ ଫୌଜି ଓ ହମ୍ ପାଂଚ ଜୈସେ ସିରିଏଲରେ ମଧ୍ୟ କାମ କରିଥିଲେ।




# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର





ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷାଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୂ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ତତ୍ତ୍ୱ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିର୍ଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାଦୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଘଳମ୍ବିକ'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ରଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ। 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥିପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଡପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ'। ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

**ଅକ୍ଷୟ କୁମାର ରାଉତ, ପାରାଦ୍ୱୀପଗଡ, ମୋ: ୯୯୩୭୬୭୧୪୭୫**

# ଅଶୁଭ ମେ' ଅଣତିରିଶ



ଚାହୁଁ ଚାହୁଁ ଦଶବର୍ଷ ବିତି ଗଲାଣି । ସେଥର ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ବର୍ଷ ପରି ବିଦେଶ ଗସ୍ତରେ ଯାଇଥାଆନ୍ତି । ନିଜର ବ୍ୟକ୍ତିଗତ ସହାୟକ ପାଣ୍ଡିଆନଙ୍କ ସହିତ ସେ ଯାଇଥାଆନ୍ତି ଇଂଲଣ୍ଡ ଗସ୍ତ କରିବା ପାଇଁ । କ୍ଷମତାକୁ ଆସିଲା ପରେ (ମାର୍ଚ୍ଚ ୫, ୨୦୦୦) ତାହା ଥିଲା ତାଙ୍କର ପ୍ରଥମ ବିଦେଶ ଗସ୍ତ । ସେ କ'ଣ ଜାଣିଥିଲେ ତାଙ୍କର ଅନୁପସ୍ଥିତିର ସୁଯୋଗ ନେଇ ରାଜ୍ୟରେ ତାଙ୍କୁ ପଦଚ୍ୟୁତ କରିବାର ଏକ ପ୍ରୟାସ ହୋଇଯିବ ?

ଆଜି ବିଦେଶ ଗସ୍ତରେ ଦ୍ୱିତୀୟ ଥର ଯିବା ସମୟରେ ସେହି ଅଶୁଭ କାଳରାତ୍ରୀ ମେ' ୨୯, ୨୦୧୨ର କଥା ତାଙ୍କର ନିଶ୍ଚୟ ମନେପଡୁଥିବ । ନବୀନଙ୍କ କ୍ଷମତାକୁ ଆସିବାର ଦ୍ୱାଦଶ ବର୍ଷ ଚାଲିଥାଏ । ସେଦିନ ଭୁବନେଶ୍ୱରର ସଂଧ୍ୟା ସମୟ । ଭୀଷଣ ଗରମ ପଡିଥାଏ ଚଳିତ ବର୍ଷ ପରି । ସଂଜ ବେଳେ ଅସରାଏ ବର୍ଷା ହୋଇ ପାଗରେ ଶୀତଳତା ଭରିଦେଇଥାଏ । ହଠାତ ଗୁଜବ ପ୍ରଚାରିତ ହେଲା ଶହିଦନଗରରେ କିଛି ଗୋଟାଏ ଚାଲିଛି । ଅନେକ ବିଧାୟକ ଏ-୧୧୧ ଘରେ ରୁଣ୍ଡ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଉପ-ସଚେତକ ମୟୁରଭଞ୍ଜର ସାନନ୍ଦ ମାରଣ୍ଡି, ମନ୍ତ୍ରୀ ସାରଦା ନାୟକ, ସଞ୍ଜୀବ ସାହୁ ଓ ଅଞ୍ଜଳି ବେହେରା । କିଛି ବିଧାୟକ ମଧ୍ୟ ପାଖ ହୋଟେଲରେ ଅବସ୍ଥାନ କରୁଛନ୍ତି । ମାଡିଆସିଲେ ସାମ୍ବାଦିକ ଶହିଦନଗର ଆଡକୁ । ସେ ଘରେ ରହୁଥାଆନ୍ତି ପ୍ୟାରିମୋହନ ମହାପାତ୍ର ରାଜ୍ୟସଭା ସଦସ୍ୟ, ନବୀନଙ୍କ ପ୍ରିୟ ଓ ବିଶ୍ୱସ୍ତ ଅଙ୍କଲ, ରାଜ୍ୟର ଦ୍ୱିତୀୟ କ୍ଷମତାକେନ୍ଦ୍ର ।

ନବୀନଙ୍କ ପିତା ବିଜୁବାବୁଙ୍କ ବେଳେ ସେ ଥିଲେ ରାଜ୍ୟର ମୁଖ୍ୟ ଶାସନ ସଚିବ । ଅବସର ପରେ ବିଜୁବାବୁଙ୍କ ପରାମର୍ଶଦାତା ରହିଥିଲେ । ବିଜୁବାବୁଙ୍କ ମୃତ୍ୟୁ ପରେ ତାଙ୍କରି ପରାମର୍ଶରେ ବିଜେଡି ଦଳ ଗଠିତ ହେଲା । ସେ ହେଲେ ବିଜେଡିର ମାର୍ଗଦର୍ଶକ, ଚାଣକ୍ୟ । ତାଙ୍କରି ପରାମର୍ଶରେ ତୁଙ୍ଗ ବିଜେଡି ନେତା ବିଜୟ ମହାପାତ୍ରଙ୍କୁ ଦଳରୁ ବହିଷ୍କାର କରାଗଲା । ସଫଳତା ପରେ ସଫଳତା ସେ ନବୀନବାବୁଙ୍କୁ ଆଣିଦେଲେ । ସମସ୍ତ ବିଧାୟକଙ୍କୁ ସେ ହିଁ ଟିକେଟ ଦେଇ ମନୋନିତ କଲେ । ଅଧିକାଂଶ ବିଧାୟକ ତାଙ୍କର ଅନୁଗତ ଥିଲେ । ସବୁଆଡେ ତାଙ୍କର ଛବି ଲାଗିଲା । ତାଙ୍କ ସୁରକ୍ଷା ମୁଖ୍ୟମନ୍ତ୍ରୀଙ୍କ ସହ ସମାନ ଥିଲା । ତାଙ୍କର ଅସୁମାରୀ ଉଚ୍ଚାଭିଳାଷର ଟେର ନବୀନ ବୋଧେ ଜାଣିପାରିଲେ । ୨୦୧୨ ଜିଲ୍ଲା ପରିଷଦ ସଭାପତି ପଦ ପାଇଁ ସେ ନିଜେ ପ୍ରାର୍ଥୀ ଚୟନ କଲେ । ମାତ୍ର ଅଙ୍କଲଙ୍କ ଗୋଟିଚାଳନାରେ ଖୋର୍ଦ୍ଧା ଓ ରାୟଗଡାରେ ଦଳୀୟ ପ୍ରାର୍ଥୀ ପରାସ୍ତ ହେଲେ । ଏତିକିବେଳେ ଆଠଗଡ ଉପନିର୍ବାଚନ ହେଲା । ନବୀନବାବୁ ରଣେନ୍ଦ୍ର ସ୍ୱାଇଁଙ୍କୁ ଟିକେଟ ଦେଲେ, ଯାହା ପ୍ୟାରି ଚାହୁଁ ନ ଥିଲେ । ସେ ନିର୍ବାଚନ ପ୍ରଚାରରେ ଗଲେନାହିଁ । ନବୀନ ପ୍ୟାରିଙ୍କ ଶତ୍ରୁ ଦାମ ରାଉତଙ୍କୁ ଧରି ପ୍ରଚାର କଲେ । ରାଜା ସ୍ୱାଇଁ ଜିତିଲେ । ପ୍ୟାରି ମନେମନେ ଅସନ୍ତୁଷ୍ଟ ହେଲେ । ସେତେବେଳେ ବିଧାନସଭାରେ ୧୦୪ ଜଣ ବିଧାନ ସଭ୍ୟ ଥାଆନ୍ତି । ଅଧିକାଂଶ ଯେ ତାଙ୍କୁ ସମର୍ଥନ କରିବେ ସେ ବିଷୟରେ ପ୍ୟାରି ନିଶ୍ଚିନ୍ତ ହୋଇଥିଲେ ।

ସେ ଭୁଲିଗଲେ ଯେ, ଦେଉଳ ଯେତେ ବଡ ହେଲେ ବି ଦିଅଁ ହୋଇପାରେନା । ଅନେକ ବିଧାୟକ ରାତିରେ ଶହିଦନଗରରେ ପହ଼ଂଚିଲେ । ମନ୍ତ୍ରୀ ଅଞ୍ଜଳି ବେହେରା, ବିଧାୟକ ଶାରଦା ନାୟକ ମଧ୍ୟ ଥିଲେ । ରହସ୍ୟଜନକ ଭାବେ ଦୁଇଜଣ କଂଗ୍ରେସ ସଭ୍ୟ ଆସି ପଇଁତରା ମାରିବାର ଦେଖିବାକୁ ମିଳିଥିଲା । କଂଗ୍ରେସ ଦଳର ୨୭ ଜଣ ସଭ୍ୟ ଥାଆନ୍ତି । ସମୁଦାୟ ୪୦ ପାଖାପାଖି ବିଧାୟକ ଉପସ୍ଥିତ ହେଲେ । ଏ ଖବର ପ୍ରଚାରିତ ହେଲାପରେ ଅନୁଗତମାନେ ନବୀନ ନିବାସରେ ପହ଼ଂଚି ପ୍ୟାରିଙ୍କ ଉଦ୍ୟମ ପଣ୍ଡ କରିବାକୁ ଚେଷ୍ଟା କଲେ । ସମସ୍ତ ଚେଷ୍ଟା ସତ୍ତ୍ୱେ ରାତ୍ରୀ ୧୨ ସୁଦ୍ଧା ପ୍ୟାରି ଅନୁଭବ କଲେ ସେ ମାଜିକ ନମ୍ବରର ନିକଟବର୍ତ୍ତୀ ହୋଇପାରିବେ ନାହିଁ । ଏକଥା ଜଣାପଡିବା ମାତ୍ରେ ବିଧାୟକମାନେ ନବୀନ ନିବାସ ଆଡେ ଧାଇଁ ନିଜ ଆନୁଗତ୍ୟ ଘୋଷଣା କଲେ । ନବୀନବାବୁ ବିଦେଶରୁ ଫେରିଆସି ଅବସ୍ଥା ସମ୍ଭାଳି ନେଲେ । ପ୍ୟାରିମୋହନ ମହାପାତ୍ରଙ୍କୁ ବେଇମାନ କହି ନବୀନ ତାଙ୍କୁ ଦଳରୁ ବହିଷ୍କାର କଲେ । କୌଣସି ବିଧାୟକ କି ବରିଷ୍ଠ ନେତା ତାଙ୍କୁ ସମର୍ଥନ କଲେନାହିଁ । ଆହତ ସିଂହ ଭଳି ସେ ବିଷ ଉଦ୍‌ଗାରି ତାଙ୍କ ନିକଟରେ ବ୍ରହ୍ମବାଣ ଅଛି ବୋଲି ଆସ୍ଫାଳନ କଲେ । ଲୋକମାନେ ଆଗ୍ରହରେ ଚାହିଁରହିଲେ ସେ ବ୍ରହ୍ମବାଣର ସ୍ୱରୂପ କ'ଣ ? ପ୍ରତିଶୋଧ ପାଇଁ ସେ ଜନମୋର୍ଚ୍ଚା ନାମକ ଏକ ସଂଗଠନ ତିଆରି କଲେ । ରୋଡ ସୋ' ମଧ୍ୟ ଜମିଲା । କିଛିଦିନ ପରେ ତାହା ମଧ୍ୟ ମଉଳିଗଲା । ହତାଶ ଓ ନିଷ୍ଫଳ କ୍ରୋଧ ଜର୍ଜରିତ ହୋଇ ସେ ଅସୁସ୍ଥ ହୋଇପଡିଲେ । କୌଣସି ବିଜେଡି ନେତା ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ ମଧ୍ୟ କଲେନି । ୨୦୧୭ ମସିହାରେ ତାଙ୍କର ମୃତ୍ୟୁ ଘଟିଲା ।

ଏହି ଘଟଣାରେ କାର୍ତିକ ପାଣ୍ଡିଆନଙ୍କ ଅଭ୍ୟୁଦୟ ଘଟିଲା । ଘଟଣାକ୍ରମେ ମେ' ୨୯ ତାଙ୍କର ଜନ୍ମଦିନ । ତାଙ୍କ ପରାମର୍ଶରେ ନବୀନ ସଫଳତା ପରେ ସଫଳତା ସାଉଁଟି ଶକ୍ତିଶାଳୀ ହେବାକୁ ଲାଗିଲେ । ୨୦୧୨ର ସେହି ଘଟଣାରେ ମଣିଷର ଜୀବନପଥରେ ଯେ ଭାଗ୍ୟର ଏକ ବଡ ଭୂମିକା ଅଛି ତାହା ପ୍ରମାଣିତ ହେଲା ।

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

## ଖରିଆପଡା ବସ୍ତି ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୧୭ ନମ୍ବର ୱାର୍ଡର ଖରିଆପଡା ବସ୍ତି ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ରାଉରକେଲା ବିଧାନସଭା କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଉପରୋକ୍ତ ବସ୍ତି ଅଞ୍ଚଳ ବୁଲି ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ରାଉରକେଲା ସହରର କେନ୍ଦ୍ର ସ୍ଥଳରେ ଥିବା ଏହି ସର୍ବପୁରାତନ ବସ୍ତି ଓ ମହାନଗର ନିଗମ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା ଏହି ବସ୍ତି ଅବସ୍ଥିତ ହୋଇଥିଲେ ହେଁ ଦୀପ ତଳ ଅନ୍ଧାର ଭଳି ବସ୍ତି ଉପରେ ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡିବା ବିଡମ୍ବନାର ବିଷୟ ବୋଲି ଶ୍ରୀ ସେନାପତି ଏହି ଅବସରରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା ବେଳେ ପ୍ରକାଶ କରିଥିଲେ । ବସ୍ତିକୁ ପାଣି ପାଇପ୍ ଲାଇନ୍ ଯୋଗାଇ ଦିଆଯାଇଥିଲେହେଁ ଉକ୍ତ ପାଇପ୍‌ରେ ପାଣି ଠିକ୍ ଭାବେ ଆସୁନାହିଁ । କେତେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ଦିଆଯାଇଥିଲେ ହେଁ ସେଥିରୁ ଆଦୌ ପାଣି ବାହାରୁ ନାହିଁ । ବସ୍ତିର ନାଳିଗୁଡିକ ନିର୍ମାଣ ହୋଇଥିଲା ସେଥିରୁ ଅଧିକାଂଶ ଭୁଷୁଡି ପଡିଥିବା ବେଳେ ନାଳିଗୁଡିକର ସଫେଇ ମଧ ନିୟମିତ ବ୍ୟବଧାନରେ ହେଉନାହିଁ । ବସ୍ତିବାସୀ ନିଜ ନିଜ ଭିତରେ ଚାନ୍ଦା କରି ମଝିରେ ମଝିରେ ନାଳିଗୁଡିକ ସଫେଇ କରୁଛନ୍ତି । ନିର୍ମିତ ରାସ୍ତାଘାଟ ଅନେକ ସ୍ଥାନରେ ଭାଙ୍ଗିରୁଜି ଯାଇଥିଲେହେଁ ତାହା ଆବଶ୍ୟକୀୟ ମରାମତି ହେଉନାହିଁ । ସ୍ୱିରେଜ୍ ବୋର୍ଡ ଦ୍ୱାରା ବସ୍ତିର କେତେକ ଅଞ୍ଚଳରେ କଂକ୍ରିଟ୍ ରାସ୍ତା ଖୋଳି ସ୍ୱରେଜ୍ ପାଇପ୍ ଲାଇନ ବିଛାଯିବା ପରେ ଉକ୍ତ ରାସ୍ତାର ପୁନଃ କଂକ୍ରିଟ୍ କରାଯାଇନାହିଁ, ଯାହାକି ସାମାନ୍ୟ ବର୍ଷାରେ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି । କେତେକ ସ୍ଥାନରେ ନାଳିଗୁଡିକରୁ ପାଣି ସଠିକ୍ ଭାବେ ନିଷ୍କାସିତ ହେଉନାହିଁ । ତେଣୁ ଏସବୁ ସମସ୍ୟାଗୁଡିକୁ ଶ୍ରୀ ସେନାପତି ବୁଲି ଦେଖିବା ସହିତ ଏ ସମ୍ପର୍କରେ ବସ୍ତିବାସୀଙ୍କ ସହ ବିଶଦ୍ ଆଲୋଚନା କରିଥିଲେ । ଖୁବ୍‌ଶୀଘ୍ର ମହାନଗର ନିଗମ କର୍ତ୍ତୃପକ୍ଷ, ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବା ସହିତ ସମସ୍ୟାଗୁଡିକର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଏହି ଅବସରରେ ଶ୍ରୀ ସେନାପତି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ଏହି ଗସ୍ତ ସମୟରେ କଂଗ୍ରେସର ଉପସଭାପତି କୀର୍ତ୍ତନ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଉକ୍ତ ଅଞ୍ଚଳର ବାସିନ୍ଦା ଭାସ୍କର ଖିଲ୍ଲାର, ରତିକା' ମଲ୍ଲିକ, ସେବାଦଳର ବୁଲୁ ଦାସ, ଦିଲ୍ଲୀ ଖାଡିଆ, ମୁନ୍ନା ଲାକ୍ରା ପ୍ରମୁଖ ବସ୍ତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ସେନାପତିଙ୍କୁ ଅବଗତ କରାଇଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି ।

## ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲା ଆଞ୍ଚଳିକ ବିକାଶ ପରିଷଦ



ଭୁବନେଶ୍ୱର (ପିଏନ୍): ବିଶ୍ୱ ପରିବେଶ ଦିବସ ସାରା ବିଶ୍ୱରେ ପାଳିତ ହେଉଥିବା ବେଳେ ଉଜୁଡ଼ି ଯାଉଥିବା ପରିବେଶକୁ ସଜାଡ଼ିବା ଏବଂ ତାହାକୁ ସୁସ୍ଥ ରଖିବା ପାଇଁ ଅଣ୍ଟା ଭିଡ଼ିଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଆଞ୍ଚଳିକ ବିକାଶ ପରିଷଦ। ସଂଗଠନ ପକ୍ଷରୁ ଆୟୋଜନ କରାଯାଇଥିବା ପରିବେଶ ଦିବସରେ ଉଜୁଡ଼ି ଯାଉଥିବା ଏବଂ ଅସୁସ୍ଥ ପରିବେଶକୁ ନେଇ ଚିନ୍ତାପ୍ରକଟ କରିଥିଲେ। ପରିଷଦ ପକ୍ଷରୁ ଏକ ସଚେତନତା ରାଲି ନାଥପୁରଠାରୁ ଆରମ୍ଭ ହୋଇ ଗଙ୍ଗୁଆ ନଦୀବନ୍ଧ ପର୍ଯ୍ୟନ୍ତ ଯାଇଥିଲା। ସଂଗଠନର ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତା ଥିବା ପ୍ଲାକାର୍ଡ଼ ଧରି ନୂଆଗାଁ ପେଟ୍ରୋଲ ଟାଙ୍କି ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଠିଆ ହୋଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହାପରେ ଗଙ୍ଗୁଆ ନଦୀବନ୍ଧ କଡ଼ରେ ବୃକ୍ଷରୋପଣ କରାଯାଇଥିଲା ଏବଂ ସେଠାରେ ପରିବେଶକୁ ନେଇ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ସ୍ଥାନୀୟ ନେତୃବୃନ୍ଦ ବିରଞ୍ଚି ନାରାୟଣ ମହାସୁପକାର, ସୁବାସ ସୁନ୍ଦର ରାୟ, କ୍ଷୀରୋଦ ପ୍ରଧାନ, ପ୍ରକାଶ ସାହୁ, ପରିବେଶବିତ୍ ସୁଶାନ୍ତ ସାହୁ, ପ୍ରକୃତିପ୍ରେମୀ ଦୀନବନ୍ଧୁ ଭୋଇ, ସଂଗଠନର କର୍ମକର୍ତ୍ତା ବୃନ୍ଦାବନ ସାହୁ, ଅକ୍ଷୟ ସ୍ୱାଇଁ, ଅରୁଣ ପୁରୋହିତ, ପ୍ରଶାନ୍ତ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ସାମ୍ବାଦିକ ଚନ୍ଦ୍ରକାନ୍ତ ନନ୍ଦ, ଗଗନ ଭୋଇ ଏବଂ ଅନ୍ୟମାନେ। ଏହି ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ପରିଷଦ ପକ୍ଷରୁ ପୂର୍ବରୁ ଉକ୍ତ ଅଞ୍ଚଳରେ ବର୍ଷସାରା ବିଭିନ୍ନ ସମୟରେ ଏବଂ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇ ତାହାର ଯତ୍ନ ନିଆଯାଉଛି।

## କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ଚୟନକୁ ନେଇ ଅପପ୍ରଚାର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ଚୟନକୁ ନେଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଅପପ୍ରଚାର କରାଯାଉଛି। କିନ୍ତୁ ପ୍ରକୃତ ଘଟଣା ଭିନ୍ନ ଥିବା ସୂଚନା ମିଳିଛି। ଗତ ଅପ୍ରେଲ ମାସ ୩୦ ତାରିଖରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଡଃ. ତ୍ରିପାଠୀଙ୍କ ଅବସର ପରେ କଲେଜ ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କୁ କଲେଜ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟୀତ୍ୱ ହସ୍ତାନ୍ତର କରିଥିଲେ। କଲେଜ ଅଧ୍ୟକ୍ଷ ଡଃ. ତ୍ରିପାଠୀଙ୍କ ଅବସର ପୂର୍ବରୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ କଲେଜ ପକ୍ଷରୁ ପ୍ରଫେସର ବେହେରାଙ୍କ ନାମ ସମେତ ୪ଜଣ ବରିଷ୍ଠ ପ୍ରାଧ୍ୟାପକଙ୍କ ନାମ କଲେଜ ଅଧ୍ୟକ୍ଷ ପଦ ପାଇଁ ପଠାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଗତ ୨୦୧୪ମସିହାରେ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ ରାଜ୍ୟର ଅନ୍ୟ କେତେକ ଅଧ୍ୟାପକଙ୍କ ନାମରେ ସରକାରୀ କାଗଜପତ୍ରକୁ ଜାଲକରି ୟୁଜିସି ବେତନ ପାଇଥିବା ଅଭିଯୋଗକୁ ନେଇ ଏକ ଭିଜିଲାନ୍ସମାମଲା ରୁଜୁ କରାଯିବା ସହ ସେମାନଙ୍କ ସେବାପୁସ୍ତିକା ଗୁଡିକୁ ଭିଜିଲାନ୍ସ ବିଭାଗ ଜବତ କରିଥିଲା। ଏହାମଧ୍ୟରେ କେନ୍ଦ୍ରାପଡା କଲେଜ ପରିଚାଳନା ପରିଷଦ ସଦସ୍ୟ ପାଇଁ ଉଚ୍ଚଶିକ୍ଷା ବିଭାଗକୁ କଲେଜ ପକ୍ଷରୁ ନାମ ପଠାଯିବା ବେଳେ ସେବା ପୁସ୍ତିକା ଭିଜିଲାନ୍ସ ବିଭାଗ ପାଖରେ ଥିବାରୁ କଲେଜର ବରିଷ୍ଠ ପ୍ରଫେସର ବେହେରାଙ୍କ ନାମ ପଠାଯାଇନଥିଲା। ଏହି ଘଟଣାର ୮ବର୍ଷ ପରେ ଅର୍ଥାତ ୨୦୨୧ମସିହାରେ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ କୌଣସି ଅଭିଯୋଗଫର୍ଦ୍ଦ ଦାଖଲ କରିନପାରିବାରୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶରେ ପ୍ରଫେସର ବେହେରାଙ୍କ ସେବାପୁସ୍ତିକାରେ କୌଣସି ନକାରାତ୍ମକ ମନ୍ତବ୍ୟ ନଦେଇ ଫେରାଇ ଦେଇଥିଲେ। ତେଣୁ କଲେଜର ପରବର୍ତ୍ତୀ ଅଧ୍ୟକ୍ଷ ପଦ ପାଇଁ ପ୍ରଫେସର ବେହେରାଙ୍କ ନାମ ସମେତ ଅନ୍ୟ ୩ଜଣ ବରିଷ୍ଠ ପ୍ରଫେସରଙ୍କ ନାମ କଲେଜ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯାଇଥିଲା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ପ୍ରଫେସର ବେହେରାଙ୍କ ନାମରେ ଥିବା ଭିଜିଲାନ୍ସ କେଶକୁ ନେଇ କଲେଜ ପରିଚାଳନା ପରିଷଦର ସଭାପତିଙ୍କଠାରୁ ଏକ ସ୍ପଷ୍ଟୀକରଣ ମାଗିଥିଲା। ଏ ସମ୍ପର୍କରେ କଲେଜ ପରିଚାଳନା ପରିଷଦର ସଭାପତି ତାଙ୍କର ସ୍ପଷ୍ଟୀକରଣ ଉଚ୍ଚଶିକ୍ଷା ବିଭାଗକୁ ପଠାଇ ସାରିଛନ୍ତି। ଅନ୍ୟପକ୍ଷରେ ସେହି ତାଲିକାରେ ଥିବା ଅନ୍ୟତମ ପ୍ରାଧ୍ୟାପକ ସଞ୍ଜୀବ କୁମାର ମହାନ୍ତି ଏହି କଲେଜରେ ଗତ ମାର୍ଚ୍ଚ ୨୦୨୧ରେ ଯୋଗଦେଇଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ମୂଳ ସେବାପୁସ୍ତିକାଟି ଏହି କଲେଜକୁ ଆସିନାହିଁ। ଫଳରେ ବିଭିନ୍ନ ସମୟରେ ବିଭାଗୀୟ ଆବଶ୍ୟକତା ଏବଂ କଲେଜର ଆବଶ୍ୟକତା ବେଳେ ବିଭିନ୍ନ ସମସ୍ୟା ଉପୁଜିବାରେ ବର୍ତ୍ତମାନର ଭାରପ୍ରାପ୍ତ କଲେଜ ଅଧ୍ୟକ୍ଷ ପ୍ରଫେସର ମହାନ୍ତିଙ୍କ ପୂର୍ବସ୍ଥାନ ଚୌଦ୍ୱାର କଲେଜକୁ ଏ ସମ୍ପର୍କରେ ଏକ ପତ୍ର ଲେଖି ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ନିବେଦନ କରିଥିଲେ। କିନ୍ତୁ ସଂପୂର୍ଣ୍ଣ ଘଟଣାକୁ ଅନ୍ଧାରରେ ରଖାଯାଇ ଦୁଇଟି ଚିଠିକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ ପରେ ସମସ୍ତ କଥା ଲୋକଲୋଚନକୁ ଆସିପାରିବ।

## ସପ୍ତମ ବେତନ ପ୍ରଦାନର ନିୟମକୁ ବିରୋଧ, ଆନ୍ଦୋଳନ ପାଇଁ ଚେତାବନୀ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଓଷ୍ଟା ପକ୍ଷରୁ ପକ୍ଷରୁ ରାଜ୍ୟ ସରକାର ଶିକ୍ଷକମାନଙ୍କ ସପ୍ତମ ବେତନ ପ୍ରଦାନ ପାଇଁ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ନିମନ୍ତେ ଗତ ମାସ ୧୩ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ଘୋର ବିରୋଧ କରିଛନ୍ତି । ତୁରନ୍ତ ଏହାର ପ୍ରତ୍ୟାହାର କରି ସଠିକ ନିୟମ ନିର୍ଦ୍ଧାରଣ ନକଲେ ପୁଣି ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚରମ ଚେତାବନୀ ଦିଆଯାଇଛି । ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପୂର୍ବରୁ ସରକାରଙ୍କ ସହିତ ଆଲୋଚନା ପରେ ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ନିୟମ ଅନୁଯାଇ ସପ୍ତମ ବେତନ ପ୍ରଦାନ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୨୦୨୨ ମସିହା ଜାନୁଆରୀ ମାସ ୧୧ ତାରିଖରେ ଚିଠି ନମ୍ବର ୬୩୩ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ସରକାର ୬୫୫ଟି ବିଦ୍ୟାଳୟକୁ ବଂଚିତ କରାଯାଇଛି। ଦୀର୍ଘ ୪ ମାସ ପରେ ସପ୍ତମ ବେତନ ପ୍ରଦାନ ନିୟମକୁ ଉଲ୍ଲଂଘନ କରି ମନୋମୁଖୀ ଭାବରେ ନୂତନ ନିୟମ ପ୍ରକାଶ କରିଥିବାରୁ ଶିକ୍ଷକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ତ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ କରିବା ସହ ସଠିକ ନିୟମ ନିର୍ଦ୍ଧାରଣ କରିବା ପାଇଁ ଓଷ୍ଟା ପକ୍ଷରୁ ଦୃଢ ଦାବୀ କରାଯାଇଛି। ଜିଲ୍ଲା ଓଷ୍ଟାର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଂଜନ ଦାଶ, ସମ୍ପାଦକ ମଧୁସୂଦନ ଦେ, ସହ-ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ ସଭ୍ୟ ଶିଶିର ଦାଶ, ପ୍ରଦୀପ ପ୍ରଧାନ, ଜିଲ୍ଲା ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଶ୍ରୀହରି ମାଳି, ଜିଲ୍ଲା ସଭ୍ୟ ପ୍ରକାଶ କୁମାର ପଲେଇ ଓ ସୁନିଲ ପଣ୍ଡାଙ୍କ ସମେତ ବ୍ଲକ ସମ୍ପାଦକମାନେ ଯୋଗଦେଇଥିଲେ।

## ଲୋକଙ୍କ ବିରୋଧ ପରେ ସ୍କୁଲର ନାମ ବଦଳିଲା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୨୦ନମ୍ବର ୱାର୍ଡରେ ଥିବା ମହିପାଳ ସ୍କୁଲର ନାମ ପରିବର୍ତ୍ତନ କୁ ନେଇ ଗତ ମଇ ମାସ ୧୭ ତାରିଖରେ ସ୍ଥାନୀୟ ଲୋକ ଓ ଅଭିଭାବକମାନେ ତୀବ୍ର ବିରୋଧ କରି ନାମ ଲେଖାଯାଇଥିବା ସ୍କୁଲର ନାମଫଳକରେ ରଙ୍ଗ ବୋଳି ଦେଇଥିଲେ । ଏହି ସ୍କୁଲଟି ମା' ମହିପାଳିନୀ ଠାକୁରାଣୀଙ୍କ ବେଢାକୁ ଲାଗି ଥିବାରୁ ସ୍କୁଲ ନାମ ସହିତ ଗ୍ରାମର ନାମ ମହିପାଳ ସ୍କୁଲ ବୋଲି ପୂର୍ବରୁ ଲେଖାଯାଉଥିଲା । ପୌରସଂସ୍ଥା ଦ୍ୱାରା ପରିଚାଳିତ ହେବାପରେ ଏହାର ନାମକୁ ପରିବର୍ତ୍ତନ କରିଦିଆଯାଇଥିବାରୁ ପୂର୍ବର ନାମ ଲେଖିବା ପାଇଁ ସ୍ଥାନୀୟ ଲୋକ ଦାବି କରିଥିଲେ । ସ୍କୁଲ ସମ୍ମୁଖରେ ଲେଖା ଯାଇଥିବା ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରାପଡା ପରିବର୍ତ୍ତନ କରାଯାଇ ପୌରସଂସ୍ଥା ପକ୍ଷରୁ ପୌରପାଳିକା ସରକାରୀ ଉଚ୍ଚବିଦ୍ୟାଳୟ ମହିପାଳ ବୋଲି ଲେଖାଯାଇଥିବା ଜଣାପଡିଛି ।

## ଜିଲ୍ଲାରେ ବନ୍ଦ ହେଲା କୋଭିଡ ହସପିଟାଲ



କେନ୍ଦ୍ରାପଡ଼ା (ପିଏନ୍): ବିଶ୍ୱ ମହାମାରୀ କରୋନା ସଂକ୍ରମଣ ବେଳେ ଜନସାଧାରଣଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାପାଇଁ କେନ୍ଦ୍ରାପଡା ଜିଲ୍ଲାରେ ଖୋଲା ଯାଇଥିବା ୩ଟି ସ୍ୱତନ୍ତ୍ର କୋଭିଡ ହସପିଟାଲକୁ ବନ୍ଦ କରି ଦିଆଯାଇଥିବା ସୂଚନା ମିଳିଛି । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଛତା ପଲିଟେକନିକ ଓ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଏହି ସ୍ୱତନ୍ତ୍ର କୋଭିଡ ହସପିଟାଲ ଗୁଡିକ ଯୁଦ୍ଧକାଳୀନ ଭିତିରେ ସ୍ଥାପନ କରାଯାଇ କରୋନା ସଂକ୍ରମିତ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା । ଏବେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଶୂନ୍ୟ ସ୍ତରରେ ପହଞ୍ଚିଥିବାରୁ ଏହି ସ୍ୱତନ୍ତ୍ର କୋଭିଡ ହସପିଟାଲଗୁଡିକୁ ବନ୍ଦ କରିଦିଆଯାଇଛି । ଏଥିସହ ସେହି ହସପିଟାଲଗୁଡିକରେ ଥିବା ସମସ୍ତ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ଉପକରଣ, ଅକ୍ସିଜେନ ସିଲିଣ୍ଡର ପ୍ରଭୃତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏହି ସାମଗ୍ରୀ ଓ ଉପକରଣଗୁଡିକୁ ଶ୍ୟାମଗୁଡିଆଠାରେ ଖୋଲାଯିବାକୁ ଥିବା କୋଭିଡ ୟୁନିଟରେ ବ୍ୟବହାର କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନୀତା ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି ।

## କେନ୍ଦ୍ରାପଡା ଜିଲ୍ଲା ଇତିହାସ ରଚୟିତା ପ୍ରତାପ ରାୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ କେନ୍ଦ୍ରାପଡା ଜିଲ୍ଲାର ଇତିହାସ ରଚୟିତା ସ୍ୱର୍ଗତ ପ୍ରତାପ କୁମାର ରାୟଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ଗରାପୁରସ୍ଥିତ ଗୋପାଳଜୀଉମନ୍ଦିର ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ସଭାପତି ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଡଃ. ସର୍ବେଶ୍ୱର ସେଣ ଯୋଗଦେଇ କହିଥିଲେ ଯେ ସ୍ୱର୍ଗତ ରାୟ କେନ୍ଦ୍ରାପଡା ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଥିଲେ। ସେ କେନ୍ଦ୍ରାପଡା ଜିଲ୍ଲାର ଇତିହାସ ସମ୍ପର୍କରେ ୨ଟି ପୁସ୍ତକ ରଚନା କରି କେନ୍ଦ୍ରାପଡାକୁ ଜିଲ୍ଲା ବାହାର ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ମଣିଷ ପରି ମଣିଷ ଥିଲେ ବୋଲି ମତବ୍ୟକ୍ତ କରି ଡଃ. ସେଣ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମଫେଡର ପ୍ରାକ୍ତନ ପରିଚାଳକ ସାରଥି କାନୁନଗୋ, ଶିକ୍ଷାବିତ ନରୋତ୍ତମ ଜେନା, ପ୍ରଣବ କୁମାର ଜେନା, ମହାକାଳପଡା ବିକାଶ ମଞ୍ଚର ସଭାପତି ତଥା ଉତ୍କଳ ସମ୍ମିଳନୀର ସଭ୍ୟ କାଶୀନାଥ ରାଉତରାୟ, ସମାଜସେବୀ ଜଗତଜୀବନ ଦାଶ, ନିତ୍ୟାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ରାୟଙ୍କ ସ୍ମୃତିଚାରଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୨୧

# ବାଳକାଟୀ ପ ୁଦୋଳ ମେଳଣର ଐତିହାସିକ ଭି ିଭୂମି

**ପ୍ରିୟଙ୍କା ମହାନ୍ତି**

ସମଗ୍ର ଓଡ଼ିଶାରେ ଯେତେ ସବୁ ସ୍ଥାନରେ ଦୋଳ ମେଳଣ ଅନୁଷ୍ଠିତ ହୁଏ, ସେଥିମଧ୍ୟରୁ ବାଳକାଟୀ ପ ୁଦୋଳ ମେଳଣ ସ୍ୱତନ୍ତ୍ର। କାରଣ ଏହା ପଛରେ ଏକ ଐତିହାସିକ ଭି ିଭୂମି ଅଛି। ଓଡ଼ିଶାର ପ୍ରସିଦ୍ଧ ଜୟଦେବ ନିର୍ବାଚନମଣ୍ଡଳୀରେ ବାଳକାଟୀ ଅନ୍ତର୍ଭୁକ୍ତ। ଯଦିଓ ସମଗ୍ର ଭାରତବର୍ଷରେ ଶ୍ରୀଚୈତନ୍ୟ ମହାପ୍ରଭୁ ଓ ତାଙ୍କର ଷଡ଼ଗୋସ୍ୱାମୀମାନଙ୍କ ଦ୍ୱାରା ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ତାଙ୍କ ଦ୍ୱାରା ପ୍ରବ ିତ ପ୍ରେମଭକ୍ତି ମାର୍ଗ ଏକ ସର୍ବଭାରତୀୟ ଆନ୍ଦୋଳନରେ ପରିଣତ ହୋଇଥିଲା, ତଥାପି ଜୟଦେବର ଭକ୍ତକବି ଜୟଦେବ ଦ୍ୱାଦଶ ଶତାବ୍ଦୀରେ ଗୀତଗୋବିନ୍ଦ ରଚନା କରି ସମଗ୍ର ଭାରତବର୍ଷରେ ରାଧାକୃଷ୍ଣଙ୍କ ଯୁଗଳମୂ ି ଉପାସନା ଏବଂ ପ୍ରେମଭକ୍ତିର ଉପାସ୍ୟ ଦେବତା ରାଧାକୃଷ୍ଣଙ୍କର ଉପାସନା ପ୍ରତିଷ୍ଠା ଲାଭ କରିସାରିଥିଲା। କିନ୍ତୁ ୧୫୧୦ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୁଣା ଜଗନ୍ନାଥ ସଡ଼କରେ ଆସି ଆମରି ବାଳକାଟୀ ଠାରେ କିଛି ସମୟ ବିଶ୍ରାମ ନେଇଥିଲେ, ଏହାର ପ୍ରମାଣ ସ୍ୱରୂପ ଅଦ୍ୟାବଧି ବାଳକାଟୀର ପ୍ରସିଦ୍ଧ ଶ୍ରୀମଦନମୋହନ ମଠରେ ନିତାଇ ଗୌରାଙ୍ଗଙ୍କ ମୂ ି ଉପାସନା ସହିତ ସେ ଛାଡ଼ିଯାଇଥିବା କଠାଉ ଓ ଯଷ୍ଟି ଏପର୍ଯ୍ୟନ୍ତ ବିଦ୍ୟମାନ ଅଛନ୍ତି। ଏଥିସହିତ ତତ୍କାଳୀନ ଗଜପତି ରାଜା ପ୍ରତାପରୁଦ୍ର ଦେବ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ଏବଂ ତାଙ୍କରି ନାମରେ ବାଳକାଟୀଠାରେ ଏକ ବ୍ରାହ୍ମଣ ଶାସନ ପ୍ରତିଷ୍ଠା ହୋଇଥିଲା, ଯାହା ଅଦ୍ୟାବଧି ବାଳକାଟୀର ପ୍ରତାପଶାସନ ରାଜସ୍ୱ ଗ୍ରାମ ପ୍ରତାପଶାସନ ନାମରେ ନାମିତ ହୋଇଆସୁଅଛି।

ଏଠାରେ ଉଲ୍ଲେଖଯୋଗ୍ୟ ସର୍ବପ୍ରଥମେ ଏହି ବାଳକାଟୀ ଅ ଳରେ ଶ୍ରୀଚୈତନ୍ୟଙ୍କର ପ୍ରେମଭକ୍ତିର ପ୍ରଚାର ପ୍ରସାର ପାଇଁ କଂସମାରୁଣି ଯାତ୍ରା, ପ ୁଦୋଳ ମେଳଣ, ନାମ ସଂକୀ ନ, ନିତାଇ ଗୌରାଙ୍ଗ ମୂ ି ପୂଜନ, ଗଜପତି ମହାରାଜାଙ୍କର ପୃଷ୍ଠପୋଷକତାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଓଡ଼ିଶାର ଧାର୍ମିକ ପରମ୍ପରାରେ ବାଳକାଟୀର ଏକ ସ୍ୱତନ୍ତ୍ର ଐତିହାସିକ ମର୍ଯ୍ୟାଦା ରହିଛି। ସେହି ପରମ୍ପରାକୁ ଅନୁସରଣ କରି ବାଳକାଟୀର ପ ୁଦୋଳ ମେଳଣ ବହୁ ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଆସୁଅଛି। ଏହି ଦୃଷ୍ଟିରୁ ଆମେ ବାଳକାଟୀର ପ ୁଦୋଳ ମେଳଣକୁ ଏକ ଐତିହାସିକ ମେଳଣ ଭାବରେ ଉପସ୍ଥାପନ କରିଆସୁଛୁ।

ପ ୁଦୋଳ ମେଳଣର ସ୍ୱତନ୍ତ୍ରତା : ଓଡ଼ିଶାରେ ଯେତେ ସବୁ ମେଳଣ ରହିଛି, ଆମର ଶ୍ରୀକ୍ଷେତ୍ର ପରିବ୍ୟାପ୍ତ ଅ ଳରେ ଗୋଟେ ଜନସ୍ମୃତି ରହିଛି, ଯାହାହେଲା - ବଳଙ୍ଗା ଦୋଳ, ହରିରାଜପୁର ବାଣ ଏବଂ ବାଳକାଟୀ ଫଗୁ ପାଇଁ ପ୍ରସିଦ୍ଧ। ଏହା ବାସ୍ତବରେ ସତ୍ୟ। ଆମର ଯେଉଁ ତିନିଦିନ ପ ୁଦୋଳ ମେଳଣ ହୁଏ, ସେଥିରେ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଅବିର ଏବଂ ହୋଲି ଖେଳକୁ ପ୍ରାଧାନ୍ୟ ଦିଆଯାଏ। ଭକ୍ତମାନେ ଅତି ଆନନ୍ଦ ଉଲ୍ଲାସ ମନରେ ବିଭିନ୍ନ ଗ୍ରାମରୁ ଆସିଥିବା ଦୋଳରେ ରାଧାକୃଷ୍ଣ ଯୁଗଳ ମୂ ିଙ୍କ ପାଦରେ ବିଭିନ୍ନ ରଙ୍ଗବେରଙ୍ଗର ଅବିର ଦିଆଯାଏ। ମେଳଣର ଶେଷଦିନ ହରିହର ଭେଟ ସମୟରେ ସମସ୍ତ ଶ୍ରଦ୍ଧାଳୁ ଭକ୍ତ ଏବଂ ଜନସାଧାରଣ ପରସ୍ପର ମଧ୍ୟରେ ରଙ୍ଗ ଖେଳନ୍ତି ଏବଂ ଦୋଳମାନଙ୍କରେ ବିରାଜମାନ କରିଥିବା ଭଗବାନଙ୍କୁ ମଧ୍ୟ ରଙ୍ଗ ଅବିରରେ ବୁଡ଼ାଇ ଦିଅନ୍ତି। ଏହି ସମୟରେ ପରିବେଶକୁ ଆହୁରି ସୁନ୍ଦର ଏବଂ ମନୋମୁଗ୍ଧକର କରିବା ପାଇଁ ବିଭିନ୍ନ ରଙ୍ଗବେରଙ୍ଗର ଫୁଲବାଣ ମଧ୍ୟ ଫୁଟାଯାଏ। ବାଳକାଟୀ ପ ାୟତ ଦ୍ୱାରା ବା ସମଗ୍ର ଅ ଳର ମୁରବୀମାନଙ୍କ ପୃଷ୍ଠପୋଷକତାରେ ଏହି ମେଳଣ ଅନୁଷ୍ଠିତ ହୋଇ ଆସୁଥିବାରୁ ଏହାର ନାମ ପ ୁଦୋଳ ନାମରେ ବିଖ୍ୟାତ।

ପ ୁଦୋଳ ମେଳଣର ଥାନପତି ଓ ଦୋଳ ନିମନ୍ତ୍ରଣ : ବାଳକାଟୀର ପ୍ରସିଦ୍ଧ ପ ୁଦୋଳ ମେଳଣର ଥାନପତି ହେଲେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ। ସ୍ୱପ୍ନେଶ୍ୱର ମହାଦେବଙ୍କ ନାମରେ ବାଳକାଟୀର ପୂର୍ବ, ପଶ୍ଚିମ ଏବଂ ଉ ର, ଦକ୍ଷିଣ ଦିଗରେ ଥିବା ବିଭିନ୍ନ ଗ୍ରାମମାନଙ୍କର ଦୋଳକୁ ନିମନ୍ତ୍ରଣ କରିବା ପାଇଁ ଗୁଆ, ଅରୁଆ ଚାଉଳ, ଚିଟାଉ ପଠାଯାଏ। ସେହି ସବୁ ଗ୍ରାମର ମୁରବୀମାନେ ନିମନ୍ତ୍ରଣକୁ ରକ୍ଷା କରି ସେମାନଙ୍କ ଗ୍ରାମର ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କୁ ବିଭିନ୍ନ ସାଜସଜାରେ ସଜାଇ ଦୋଳ ବିମାନରେ ବସାଇ ବାଜାବାଣ ସହିତ ବାଳକାଟୀର ମେଳଣ ପଡ଼ିଆକୁ ଆଣନ୍ତି। ପୂର୍ବରୁ ଏଠାକୁ ୧୦୮ ଦୋଳ ଆସୁଥିଲେ। ବ ିମାନ ତାହା କମି କମି ୫୩ ଦୋଳରେ ରହିଚନ୍ତି। ଥାନପତି ସ୍ୱପ୍ନେଶ୍ୱର ମହାଦେବଙ୍କର ନିମନ୍ତ୍ରଣରେ ଏହିସବୁ ଦୋଳମାନେ ବିରାଜମାନ କରିଥାନ୍ତି। ଏହି ଦୋଳମାନେ ଏଠାରେ ତିନିଦିନ ରହନ୍ତି। ମେଳଣ ସମୟରେ ବିଭିନ୍ନ ମର୍ଯ୍ୟାଦାର ସହିତ ଆତିଥ୍ୟ ପ୍ରଦାନ କରାଯାଏ। ଏହି ପରମ୍ପରା ବହୁକାଳରୁ ଚଳିଆସୁଛି। ଏହାଦ୍ୱାରା ବାଳକାଟୀ ଏବଂ ତା'ର ଆଖପାଖ ଗ୍ରାମମାନଙ୍କର ମଧ୍ୟରେ ମଧୁର ସମ୍ପର୍କ ସ୍ଥାପିତ ହୁଏ। ଏହି ମେଳଣ ସମଗ୍ର ଅ ଳର ଅଧିବାସୀମାନଙ୍କୁ ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ପ୍ରେମ, ଭକ୍ତି ଏବଂ ଭ୍ରାତୃତ୍ୱ ଭାବର ବନ୍ଧନରେ କେଉଁ ପ୍ରାଚୀନ କାଳରୁ ବାନ୍ଧିଆସିଛି। ଏହି ଦୃଷ୍ଟିରୁ ବାଳକାଟୀ ଅ ଳର ଅଧିବାସୀମାନଙ୍କ ମଧ୍ୟରେ ପ ୁଦୋଳ ମେଳଣ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି।

ଥାନପତି ଓ ଅନ୍ୟାନ୍ୟ ଦୋଳମାନଙ୍କର ଗ୍ରାମର ପରିଭ୍ରମଣ : ଏହି ମେଳଣ ସମୟରେ ସବୁଠାରୁ ବଡ଼ ଓ ଆନନ୍ଦର ବିଷୟ ହେଲା, ଆମେ ସବୁବେଳେ ଭଗବାନଙ୍କ ପାଖକୁ ଯାଉ, କିନ୍ତୁ ବର୍ଷକୁ ଥରେ ଏହି ମେଳଣ ସମୟରେ ଭଗବାନ ମଧ୍ୟ ଆମ ଦୁଆରକୁ ଆସନ୍ତି। ଏହି ସମୟରେ ବାଳକାଟୀର ପ୍ରତି ଗ୍ରାମରେ, ପ୍ରତି ପରିବାରରେ ଓ ବ୍ୟକ୍ତି ଜୀବନରେ ଆନନ୍ଦର ସୀମା ରହେ ନାହିଁ। କାରଣ ବର୍ଷକୁ ଥରେ ଭଗବାନ ଦୋଳ ବିମାନରେ ପ୍ରତି ବ୍ୟକ୍ତିଙ୍କ ଦୁଆରେ ଭୋଗ ଖାଇବାକୁ ଯାଆନ୍ତି। ଏହି ପରମ୍ପରାରେ ସମଗ୍ର ପ ୁଦୋଳରେ ଯୋଗ ଦେଉଥିବା ଦୋଳମାନଙ୍କ ମଧ୍ୟରେ ଯିଏ ଶ୍ରେଷ୍ଠ ଥାନପତି ହେଲେ ସ୍ୱପ୍ନେଶ୍ୱର ମହାଦେବ, ତାଙ୍କ ଦୋଳ ସର୍ବପ୍ରଥମେ ଉଠେ ଏବଂ ପ୍ରାଚୀନ କାଳରୁ ଏହି ପରମ୍ପରା ରହି ଆସିଛି ଯେ ଯେତେବେଳେ ଆକାଶରେ ଜହ୍ନ ଉଠେ ସେତେବେଳେ ସ୍ୱପ୍ନେଶ୍ୱର ମହାଦେବ ଦୋଳ ବିମାନ ଗ୍ରାମ ପରିକ୍ରମା କରିବା ଯାତ୍ରାରେ ବାହାରିଥାନ୍ତି, ତାଙ୍କ ପରେ ପରେ ଅନ୍ୟ ସବୁ ଦୋଳମାନେ ଆସନ୍ତି। ବିଭିନ୍ନ ବାଜା, ଘୋଡ଼ାନାଚ, ବାଣ, କଣ୍ଢେଇ ନାଚ, ନାମ ସଂକୀ ନ, ବିଭିନ୍ନ ରଙ୍ଗବେରଙ୍ଗର ଫଗୁ ଖେଳ ସହିତ ଠାକୁରମାନଙ୍କୁ ଦୋଳ ବିମାନରେ ବସାଇ ଅତ୍ୟନ୍ତ ଭକ୍ତିଭାବରେ ଝୁଲାଇ ଝୁଲାଇ ମେଳଣ ପଡ଼ିଆକୁ ଆଣନ୍ତି। ସମସ୍ତଙ୍କୁ ନିଜ ନିଜ ଆସନରେ ବସାଯାଏ। ବିଧିବିଧାନ ଅନୁସାରେ ଭଗବାନଙ୍କୁ ସେଠାରେ ପୂଜା କରାଯାଏ। ଶେଷଦିନ ହରିହର ଭେଟ ପରେ ଆମ ବାଳକାଟୀ ପ୍ରତାପଶାସନର ମୁଖ୍ୟ ଇଷ୍ଟ ଦେବତା ଥାନପତି ସ୍ୱପ୍ନେଶ୍ୱର ଦେବଙ୍କୁ ସୁବାସିତ ସର ଲବଣି ଭୋଗ ପ୍ରଦାନ କରାଯାଏ। ଏହି ସର ଲବଣି ଭୋଗ ଆମ ବାଳକାଟୀର ସାତକାଣିଆ ସାହିର ଗୋପାଳ ବେହେରାମାନେ ଆୟୋଜନ କରନ୍ତି। ଛାଚି ଖଇ ସହିତ କ୍ଷୀର, ନବାତ, ଛେନା, ନଡ଼ିଆ, କର୍ପୂର ଇତ୍ୟାଦି ଦିଆଯାଇ ଏକ ସୁମିଷ୍ଟ ସୁବାସିତ ସର ଲବଣି ସ୍ୱପ୍ନେଶ୍ୱର ଦେବଙ୍କୁ ପ୍ରଦାନ କରାଯାଏ। ପ ାୟତର ମୁଖ୍ୟ ଦେବତା ଓ ଥାନପତି ସ୍ୱପ୍ନେଶ୍ୱର ଦେବ ଏହାପରେ ନିଜ ମନ୍ଦିରକୁ ଚଳି ଯାଆନ୍ତି।

ସ୍ଥାନୀୟ ଅଧିବାସୀମାନଙ୍କ ଜୀବନଯାତ୍ରାରେ ପ ୁଦୋଳର ପ୍ରଭାବ : ବାଳକାଟୀ ପ ୁଦୋଳ ମେଳଣର ଆମର ସ୍ଥାନୀୟ ଜନସାଧାରଣଙ୍କ ଜୀବନ ଉପରେ ଏକ ସ୍ୱତନ୍ତ୍ର ପ୍ରଭାବ ରହିଛି। ଏହାକୁ ସବୁ ସ୍ତରରେ ଏକ ମିଳନର ପର୍ବ ଭାବରେ ପାଳନ କରାଯାଏ। ଏହି ମେଳଣ ପ୍ରାୟ ପୂର୍ବରୁ ମାସ ମାସ ଧରି ଚାଲୁଥିଲା। ବ ିମାନ ଏହା ପନ୍ଦରରୁ କୋଡ଼ିଏ ଦିନ ମଧ୍ୟରେ ସୀମିତ ଅଛି। ମେଳଣ ଆସିବା ପୂର୍ବରୁ ଅ ଳର ଅଧିବାସୀମାନେ ମନ ଖୁସି ଓ ଉଲ୍ଲାସ ମନାଇବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥାନ୍ତି। ଏହି ସମୟରେ ପ୍ରତି ଘରେ ଘରେ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରାଯାଏ। ଏଠାରେ ଦୋଳ ମେଳଣ ତିନିଦିନ ହୁଏ। ମାତ୍ର ମେଳଣ ପଡ଼ିଆରେ ଯାତ୍ରା ଦଶ, ପନ୍ଦର ଦିନ ଲାଗି ରହେ। ଏହି ମେଳଣ ଯାତ୍ରାରେ ବିଭିନ୍ନ ପ୍ରକାର ଜିନିଷ କିଣାବିକା ହୁଏ। ଅପେରା, ନାଟକ, ଦୋଳି, ନାମ ସଂକୀ ନରେ ସମଗ୍ର ଅ ଳ ମନ ଆନନ୍ଦରେ ଓ ଉଲ୍ଲାସରେ ପରିପୂର୍ଣ୍ଣ ହୋଇଯାଏ। ବର୍ଷକୁ ଥରେ ଦୋଳ ମେଳଣ ସମସ୍ତଙ୍କ ପାଇଁ ଗୋଟିଏ ଆକର୍ଷଣର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଥାଏ। ଏହା ପଛରେ ଏହି ଅ ଳର ଆଧ୍ୟାତ୍ମିକ, ସାଂସ୍କୃତିକ, ଧାର୍ମିକ ପରମ୍ପରା ଓ ଶ୍ରୀଚୈତନ୍ୟଙ୍କ ପ୍ରେମଭକ୍ତିର ପ୍ରଭାବରେ ସାଧାରଣ ଜନତା ଠାରୁ ଆରମ୍ଭ କରି ଅସାଧାରଣ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମାନସିକତାରେ ଏକ ମଧୁର ଭ୍ରାତୃତ୍ୱ ଭାବ, ପରସ୍ପର ମଧ୍ୟରେ ସଂହତି କେଉଁ ପ୍ରାଚୀନ କାଳରୁ ରହିଆସିଛି। ଏହି ପ ୁଦୋଳ ମେଳଣ ଜୟଦେବ ନିର୍ବାଚନମଣ୍ଡଳୀ ତଥା ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ସ୍ଥାନ ଅଧିକାର କରିଛି।

*ବସନ୍ତପେଡ଼ି, ବାଳକାଟୀ, ଖୋର୍ଦ୍ଧା*

# ଅନୁଭୂତିରେ ହରିରାଜପୁର ମେଳଣ

**ଜବାହରଲାଲ ସୁବୁଦ୍ଧି**

ଆମ ସୃଷ୍ଟିକର୍ତ୍ତା ମହାନ୍। ଭାରତୀୟ ଐତିହ୍ୟ, ପରମ୍ପରା, ସଂସ୍କୃତି, ବିଶ୍ୱପ୍ରସିଦ୍ଧ। ପୂର୍ବ ଭାରତରେ ଉତ୍କଳ ବା ଓଡ଼ିଶା କେଶରୀ ସଦୃଶ୍ୟ। ଭାରତ ଭଳି ଓଡ଼ିଶାର ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାଷା, କଳା, ସାହିତ୍ୟ ଆଦି କ୍ଷେତ୍ରରେ ଏକ ଉଜ୍ଜ୍ୱଳ ବିଭବ। ଏହାର ଆଧାତ୍ମିକ ଓ ସାଂସ୍କୃତିକ ଆଧାର ଆମ ସମସ୍ତଙ୍କର ଧ୍ୟେୟ ହେବା ବିଧେୟ। ଉତ୍କଳର ପ୍ରାଚୀନ ନୌବାଣିଜ୍ୟ, ଓଡ଼ିଆ ପାଇକ ପୁଅର ଗାରିମା, ଆମ ଜଗନ୍ନାଥ, ବଳଭଦ୍ର, ଭଉଣୀ ସୁଭଦ୍ରା ଦେବୀଙ୍କ ରଥାରୁଢର ଅପୂର୍ବ ମନୋରମ ଦୃଶ୍ୟର ମହିମା ବିଶ୍ୱ ବିଦିତ। ଆମର ଅସ୍ମିତା ପାଇଁ ଆମେ ଗର୍ବ କରିବା ଉଚିତ୍। ଏହି ଅବସରରେ ଓଡ଼ିଶା ପ୍ରସିଦ୍ଧ ହରିରାଜପୁରସ୍ଥ ସୋମନାଥଦେବଙ୍କ ପଞ୍ଚୁଦୋଳ ମେଳଣ ସମ୍ପର୍କରେ ଆସ ଜାଣିବା।

ଜଟଣୀସ୍ଥ ଖୋର୍ଦ୍ଧାରୋଡ଼ ରେଳବାଇ ଷ୍ଟେସନଠାରୁ ମାତ୍ର ଦୁଇ କିଲୋମିଟର ପୂର୍ବଦିଗ ପିପିଲି ରାସ୍ତାର ଡାହାଣ ପାର୍ଶ୍ୱରେ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ପଞ୍ଚୁଦୋଳ ମେଳଣର ମହାନ୍ ଗାରିମା, ଜମିଲା ରାତ୍ରରେ ଆଖ ପାଖ ଗ୍ରାମର ଠାକୁର ପ୍ରାୟ ଏକାଅଶି ସଂଖ୍ୟାରୁ ଅଧିକ ନିମନ୍ତ୍ରିତ ଆରାଧ ଠାକୁର ହରିରାଜପୁର ଗ୍ରାମର ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କଠାରୁ ଆରମ୍ଭକରି ଗୋବର୍ଦ୍ଧନପୁର ଗ୍ରାମ ଠାକୁର ଶ୍ରୀ ଶ୍ରୀ ଗତିଶ୍ୱର ଦେବଙ୍କ ପର୍ଯ୍ୟନ୍ତ ମେଳଣ ଠାକୁରମାନଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ମହାନ୍ ଐତିହ୍ୟ ଖୁଣ୍ଟି ଓ ମଣ୍ଡପରେ ଆସୀନ ଚତୁର୍ଦ୍ଦିଗରେ ବିରାଜିତ ହୋଇ ୪ଦିନ ବ୍ୟାପୀ ନୀତିନୀୟମ ମୁତାବକ ପୂଜାର୍ଚ୍ଚନା, ବେଦପାଠ, ମନ୍ତ୍ର, ଭୋଗ ଆଦି ଅର୍ପଣ, ଜମିଲା ରାତ୍ରରେ ଉଚ୍ଚକୋଟୀର ଆତସବାଜୀ ପ୍ରଦର୍ଶନ ଲକ୍ଷ ଲକ୍ଷ ଭକ୍ତମାନଙ୍କ ଆତ୍ମସନ୍ତୋଷ ସହିତ ଠାକୁରମାନଙ୍କୁ 'ଅବିର' ଅର୍ପଣର ଅପୂର୍ବ ମନଲୋଭା ଦିବ୍ୟ ଦୃଶ୍ୟ ଅନୁଭୂତିରେ ଆଣିଥିବା ବ୍ୟକ୍ତି ହିଁ ଜାଣିପାରିବ। ଭକ୍ତମାନେ ଠାକୁରଙ୍କ ନିକଟରେ ଆତ୍ମଶପଥ ଗ୍ରହଣ ପୂର୍ବକ ନିଜ ପରିବାର ସଦସ୍ୟମାନଙ୍କ ମଙ୍ଗଳ କାମନା ସହିତ "ବସୁଧୈବ କୁଟୁମ୍ବକମ୍"ର ବାଣୀଙ୍କୁ ସ୍ମରଣ କରି "ଯୁଦ୍ଧ ନୁହେଁ ଶାନ୍ତି"ର ବାର୍ତ୍ତା ନେଇ ପୁଣି ଆସନ୍ତା ବର୍ଷ ଆସିବା ପାଇଁ ମନସ୍କାମନା କରନ୍ତି।

ସାଂପ୍ରତିକ ଯୁଗର ପିଲାମାନେ ଆମ ପୁରାଣ, ପରମ୍ପରା, ଯାନି-ଯାତ୍ରା, ମେଳା-ମହୋତ୍ସବ, ଆମ ପରମ୍ପରା, ଆମ ଐତିହ୍ୟ ସହିତ ପରିଚିତ ନୁହଁନ୍ତି। ସେମାନେ ହୁଏତ ପାଠ ପଢିଲାବେଳେ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା, ସରସ୍ୱତୀ ପୂଜା ଏବଂ ସାମାଜିକ ଉତ୍ସବ ଓ ପର୍ବ ପର୍ବାଣୀରେ ଦୁର୍ଗା, ଲକ୍ଷ୍ମୀ, ଶିବ, ରାମ ଓ ହନୁମାନ ଆଦିଙ୍କୁ ତଥା ଇଦ୍, ମହରମ୍, ବଡ଼ଦିନ, ନୂଆବର୍ଷ ଆଦିରେ ଇଷ୍ଟଦେବା ଦେବୀଙ୍କୁ ପୂଜା ଆରାଧନା କରିପାରନ୍ତି ମାତ୍ର ସେ ସମସ୍ତ ପର୍ବପର୍ବାଣୀ, ଯାନିଯାତ୍ରା, ଐତିହ୍ୟ ସଂପର୍କରେ ବେଶି କିଛି ଜାଣନ୍ତି ନାହିଁ। ସେମାନଙ୍କୁ ଆମେ ଯେ କୌଣସି ଉପାୟରେ ଜଣାଇବାକୁ ପଡ଼ିବ। ଦେଶ ଗଠନ ଓ ଦେଶକୁ ବିକଶିତ ରାଷ୍ଟ୍ରଭାବେ ଗଢିବାକୁ ହେଲେ ଅମେ ଏକ ମନ, ଏକ ଆତ୍ମାଭଳି ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଆଦି ନିର୍ବିଶେଷରେ ଏକ ହୋଇ ବିବେକାନୁମୋଦିତ ଭାବେ କଠିନ ପରିଶ୍ରମ କଲେ ହିଁ ନିଜର ତଥା ଦେଶର ବିକାଶ ହୋଇପାରିବ।

ଏହି ଅବସରରେ ଏ ସୁନ୍ଦର ପୃଥିବୀରେ ଶ୍ରେଷ୍ଠ ଭୂମି ଭାରତବର୍ଷର ପୁରାତନ ଓଡ଼ିଶା ରାଜ୍ୟ କଥା ଆମେ ଭାବିବା ଆବଶ୍ୟକ। ମନେହୁଏ ବିଧାତା ପୁରୁଷ ସତେ ଯେପରି ଓଡ଼ିଶାକୁ ବିଶ୍ୱ-ସୌନ୍ଦର୍ଯ୍ୟର ପ୍ରତୀକ ଭାବରେ ଗଢିଛନ୍ତି। ଭାରତବର୍ଷର ଅନ୍ୟାନ୍ୟ ସବୁ ଅଞ୍ଚଳ ଭିତରେ ଓଡ଼ିଶା ଏଇ ଦୃଷ୍ଟିରୁ ସୌଭାଗ୍ୟଶାଳୀ।

ଓଡ଼ିଶାକୁ ଜଗନ୍ନାଥଙ୍କ ଦେଶବୋଲି ଦେଶ ବିଦେଶରେ ଯଥେଷ୍ଟ ସମ୍ମାନ ଓ ଖ୍ୟାତି ରହିଛି। ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ବିଶ୍ୱ-ବିଖ୍ୟାତ ରଥଯାତ୍ରାରେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରାଙ୍କୁ ଦେଖିବାକୁ ଓ ଆରାଧନା କରିବାକୁ ସାରା ଜଗତର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଚଳିଆସି ନିଜର ଆରାଧ ଦେବତାଙ୍କୁ ଆରାଧନା କରି ନିଜ ଜୀବନକୁ ଧନ୍ୟ କରନ୍ତି। ଏହି ଅବସରରେ ଓଡ଼ିଶା ପ୍ରସିଦ୍ଧ ଜଟଣୀ-ପିପିଲି ରାସ୍ତାରେ ହରିରାଜପୁର ଗ୍ରାମରେ ପଞ୍ଚୁଦୋଳ ମେଳଣ ସଂପର୍କରେ ଜାଣିବା।

ମେଳଣ ସଂପର୍କରେ ଜାଣିବା:-

ଓଡ଼ିଶାର ଦୋଳଯାତ୍ରା ସଂପର୍କରେ ଆଲୋଚନା କଲାବେଳେ ଜଟଣୀର ପୂର୍ବ ଦିଗରେ ମାତ୍ର ତିନିକିଲୋମିଟର ପରେ ଅବସ୍ଥିତ ହରିରାଜପୁର ପଞ୍ଚୁଦୋଳ ମେଳଣର ସ୍ଥାନ ରାଜ୍ୟରେ ସ୍ୱତନ୍ତ୍ର। ଏହି ପଞ୍ଚୁଦୋଳ ମେଳଣର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛନ୍ତି ମେଳଣର ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ। ଯାହାଙ୍କୁ ନିଷ୍ଠାରେ ସୁମରଣା କଲେ ଭକ୍ତଙ୍କ ମନବାଞ୍ଛା ପୂରଣ ହେବା ସହିତ ମନରେ ଏକ ଅପାର ବିଶ୍ୱାସ ଯାତ ହୋଇଥାଏ। ହରିରାଜପୁର ମେଳଣ ବୋଲି ଓଡ଼ିଶାରେ ଖ୍ୟାତି ଲାଭ କରିଥିବା ଏହି ମେଳଣର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ଠାକୁରମାନଙ୍କ ଜମାଣ ରାତ୍ରରେ ରାତି ତମାମ ଆକର୍ଷଣୀୟ ମନଲୋଭା ଆତସବାଜୀ ପ୍ରଦର୍ଶନ। ଏହି ଆତସବାଜୀ ପ୍ରଦର୍ଶନର ବିଶେଷତ୍ୱ ହେଉଛି ଏହି ମେଳଣର ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ମାନସିକ ରଖିଥିବା ମାନସିକଧାରୀଙ୍କ ପକ୍ଷରୁ ଆତସବାଜୀ ରାତ୍ରତମାମ ଫୁଟାଯାଇଥାଏ। ଏଭଳି ପରମ୍ପରା ଓଡ଼ିଶାରେ ଅନନ୍ୟ। ଠାକୁରଙ୍କ ଜମାଣ ରାତ୍ରରେ ଆଖପାଖ ଅଞ୍ଚଳରୁ ତଥା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତ ଠାକୁରମାନଙ୍କୁ ସ୍ୱଚକ୍ଷୁରେ ଭକ୍ତି ନିବେଦନ କରିବା ସହିତ ସାରାରାତ୍ର ବିଭିନ୍ନ ପ୍ରକାରର ମନଲୋଭା ଆତସବାଜୀ ଫୁଟାଇ ମଜ୍ଜା ନେଇ ପରଦିନ ନିଜ ନିଜ ବାସଭବନକୁ ପ୍ରତ୍ୟାବର୍ତ୍ତନ ପୂର୍ବକ ଆସନ୍ତା ବର୍ଷ ହରିରାଜପୁର ପଞ୍ଚୁଦୋଳ ମେଳଣକୁ ଅପେକ୍ଷା କରନ୍ତି।

କିମ୍ବଦନ୍ତୀ ଅନୁଯାୟୀ ଗଜପତି ମହାରାଜା ନରସିଂହ ଦେବଙ୍କ ରାଜତ୍ୱର ପ୍ରଥମ ପନ୍ଦର ବର୍ଷ ସୁଖଶାନ୍ତିରେ କଟିଥିବାରୁ ୧୬୭୬ ଖ୍ରୀଷ୍ଟାବ୍ଦ ଚୈତ୍ରମାସ ଶୁକ୍ଳ ପକ୍ଷରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବସନ୍ତରାସ (ନୂତନ ରଥଯାତ୍ରା) ଅନୁଷ୍ଠିତ ହୋଇଥିଲା। ଏହି ରଥଯାତ୍ରା ଦେଖିସାରି ହରିରାଜପୁର ଗ୍ରାମର ବାବାଜି ଗୋବର୍ଦ୍ଧନ ଦାଶ ଓ ନିତେଇ ସାହୁ ମହାଜନ ଗ୍ରାମକୁ ଫେରିବା ବାଟରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ କରିବାକୁ ଆଲୋଚନା କ୍ରମେ ମନସ୍ଥ କଲେ। ତଦନୁଯାୟୀ ଗୋବର୍ଦ୍ଧନ ଓ ନିତେଇ ତାଙ୍କ ପାଖରେ ଥିବା ଏକଟଙ୍କା ଚଉରିଅଣାରେ ଛୋଟ ଛୋଟ ଆଟିକାମାନ କିଣି ଗ୍ରାମକୁ ଫେରିଥିଲେ। ଗ୍ରାମକୁ ଫେରି ଗୋବର୍ଦ୍ଧନ ଓ ନିତେଇ ସଙ୍ଗରେ ଆଣିଥିବା ଛୋଟ ଛୋଟ ଆଟିକାଗୁଡ଼ିକୁ ହରିରାଜପୁର ଗ୍ରାମର ସମସ୍ତଙ୍କ ଘରେ ବାଣ୍ଟି ଦେଇଥିଲେ ଓ ପ୍ରତିଦିନ ରୋଷେଇ କରିବା ପୂର୍ବରୁ ଉକ୍ତ ଆଟିକାରେ ଦୁଇଓଳି ମୁଠାଏ ଲେଖାଁଏ ଚଉଳ ପକାଇବାକୁ ଘରେ ଘରେ ଲୋକମାନଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ ଠାରୁ ସଂଗୃହିତ ଏହି ମୁଠି ଚଉଳର ବିକ୍ରି ଲବ୍ଧ ଅର୍ଥରେ ପରବର୍ଷ ଅର୍ଥାତ ୧୬୭୭ ଖ୍ରୀଷ୍ଟାବ୍ଦ ଚୈତ୍ରମାସ କୃଷ୍ଣ ପକ୍ଷ ପଞ୍ଚମୀ ତିଥିରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ଆରମ୍ଭ ହୋଇଥିବା ଜନସ୍ମୃତିରୁ ଜଣାଯାଏ। ଯାହାକି ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବସନ୍ତରାସ (ନୂତନ ରଥଯାତ୍ରା) ର ଠିକ୍ ବର୍ଷକ ପରେ ଅନୁଷ୍ଠିତ ହୋଇଥିଲା। ହରିରାଜପୁରର ଚତୁଃପାର୍ଶ୍ୱରେ ଥିବା ୫ଟି ରାଜ ପ୍ରତିଷ୍ଠିତ ଠାକୁର ଯଥା- ହରିରାଜପୁର ଗ୍ରାମର ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ବୁଢ଼ାପଡ଼ା ଗ୍ରାମର ଶ୍ରୀ ଶ୍ରୀ ସୋମନାଥ ଦେବ, ଭଁସର ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, କନ୍ତିଆ ଗ୍ରାମର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଓ ଛଣଘର ଗ୍ରାମର ଶ୍ରୀ ଶ୍ରୀ ଗତିଶ୍ୱର ଦେବଙ୍କୁ ନେଇ ଏହି ପଞ୍ଚୁଦୋଳ ମେଳଣ ଆରମ୍ଭ ହୋଇଥିଲା। କାଳକ୍ରମେ ହରିରାଜପୁର ନିକଟବର୍ତ୍ତୀ ଅଞ୍ଚଳର ପ୍ରାୟ ୮୧ ଠାକୁରଙ୍କୁ ଏହି ପଞ୍ଚୁଦୋଳ ମେଳଣରେ ସାମିଲ କରାଗଲା। ଠାକୁରମାନଙ୍କ ନୀତିକାନ୍ତି ବିଧିବିଧାନ ମୁତାବକ କରାଯାଉଅଛି। ଯାହାକି ସମଗ୍ର ଓଡ଼ିଶାରେ ହରିରାଜପୁର ପଞ୍ଚୁଦୋଳ ମେଳଣ ଭାବେ ସୁଖ୍ୟାତି ଅର୍ଜନ କରିଛି। ଐତିହାସିକ ଶ୍ରୀ ଦିବ୍ୟସିଂହ ଚମ୍ପତିଙ୍କ ଲିଖିତ "ରଥିପୁର କଟକ" ପୁସ୍ତକରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିବାରୁ ସ୍ୱାଗତ।

ଏହି ମେଳଣର ଠାକୁରମାନଙ୍କ ଜମିଲା ରାତିରେ ମେଳଣର ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିଜେ ପ୍ରତିମା ମଧ୍ୟରାତ୍ରରେ ମନ୍ଦିରରୁ ବାହାରି ଏକ ସୁଶୋଭିତ ମନଲୋଭା ବିମାନରେ ପଶ୍ଚିମଦ୍ୱାରା ଦେଇ ବାଟରୁ ଶ୍ରୀ ଗୋପାଳଜୀ ଓ ବାଳ ମୁକୁନ୍ଦଦେବଙ୍କୁ ସଙ୍ଗରେ ନେଇ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଗହଣରେ ବିଭିନ୍ନ ବାଜା, ବାଣ, ରୋଶଣୀ, କଳରଙ୍ଗ, ଘଣ୍ଟ, ଘଣ୍ଟା, ଭେରୀତୁରୀ, କାହାଳୀ, ଗିନି ଖୋଳ ମର୍ଦ୍ଦଳ ସହିତ ଭଜନ, କୀର୍ତ୍ତନ ସହ ହରିବୋଲ ହୁଳହୁଳି ସହ ମେଳଣ ପଡ଼ିଆ ଅଭିମୁଖେ ଯାତ୍ରା କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି। ଏହି ଠାକୁରଙ୍କ ଜମାଣ ରାତ୍ରରେ ମାନସିକଧାରୀ ଭକ୍ତମାନଙ୍କ ପକ୍ଷରୁ ରାତ୍ର ତମାମ ଆତସବାଜୀ ପ୍ରଦର୍ଶନରେ ବିରାଟ ମେଳଣ ପଡ଼ିଆକୁ ଆଲୋକିତ କରି ଲକ୍ଷ ଲକ୍ଷ ଦର୍ଶକଙ୍କୁ ବିମୋହିତ କରେ। ଏହି ଚିତାକର୍ଷକ ଆତସବାଜୀ ପ୍ରଦର୍ଶନ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି। ପରମ୍ପରା ଅନୁଯାୟୀ ମେଳଣ ପଡିଆସ୍ଥିତ ଭୋଗ ଘରୁ କୋଠ ଭୋଗ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର ପାଟ ଅଗଣାରେ ଇଷ୍ଟଦେବ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ଆଲୋକ ମାଳାରେ ସୁସଜ୍ଜିତ ସୁଶୋଭିତ ବିମାନରେ ଯିବାର ଅଲୌକିକ ମନୋରମ ଧାର୍ମିକ ଦୃଶ୍ୟରାଜି ପ୍ରତ୍ୟେକ ଭକ୍ତଙ୍କୁ ବିମୋହିତ କରେ। ଜମିଲା ରାତିରେ ବିଭିନ୍ନ ଗ୍ରାମରୁ ଆସିଥିବା ଠାକୁରମାନଙ୍କ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟାଣ୍ଡବାଜା ଦଳ ବ୍ୟାଣ୍ଡ ବଜାଇବା ସହ ମେଳଣ ପଡ଼ିଆର ବିଭିନ୍ନ ସ୍ଥାନରେ ଭଜନ ସମାରୋହ, ବିଭିନ୍ନ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଧୁମ୍‌ଧାମରେ ଚଳୁ ରଖିଥାନ୍ତି। ଠାକୁରଙ୍କ ସଙ୍ଗରେ ବାଣ ଓ ବାଜା ରୋଷଣୀ, ଘଣ୍ଟ, ଘଣ୍ଟା, ଭେରୀ ତୁରୀ, କୀର୍ତ୍ତନ, ଶଙ୍ଖ ନାଦ, ବାଘ, ଭାଲୁ ଆଦି ନୃତ୍ୟ, ହରିବୋଲ ଓ ହୁଳହୁଳି ଧ୍ୱନୀ ମଧ୍ୟରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶରେ ଏକ ବିରାଟ ପଟୁଆରରେ ମେଳଣ ପଡ଼ିଆ ପ୍ରକମ୍ପିତ ହୁଏ। ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହିତ ସାମିଲ ହୋଇଥାନ୍ତି ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ଠାକୁରମାନେ ନିଜ ନିଜ ସୁସଜ୍ଜିତ ବିମାନରେ। ହରିରାଜପୁର ମେଳଣର ଏହି ଠାକୁର ଜମିଲା ରାତି ଓ ଆତସବାଜି ପ୍ରଦର୍ଶନ, ୪ଦିନ ବ୍ୟାପି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହିତ ବିଭିନ୍ନ ଗ୍ରାମର ଠାକୁରମାନଙ୍କୁ ପୂଜା ଆରାଧନା, ହାଣ୍ଡିଭୋଗଲାଗି କରିବା, ଫଗୁ ଅର୍ପଣ କରିବା, ଧୂପଦୀପ, ପୁଷ୍ପ ଆଦି ଅର୍ପଣ କରିବାରେ ଅପୂର୍ବ ଆରାଧନା, ଭୋଗ ମଣ୍ଡପରେ ଭକ୍ତମାନଙ୍କ ଫଗୁ ଠାକୁରମାନଙ୍କୁ ଅର୍ପଣ କରିବା ପ୍ରତିଯୋଗିତା ଉଦ୍‌ଯାପନ ଦିନତମାମ ଓ ମେଳଣ ସଂଧ୍ୟା ଘ.୫ଟିକାରୁ ପ୍ରାୟ ରାତ୍ର ଘ.୯ଟିକା ପର୍ଯ୍ୟନ୍ତ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଦୀପ ଦାନ, ପୁଷ୍ପ ଓ ଫଗୁଦାନ ଠାକୁରଙ୍କୁ ବିମାନ ମଧ୍ୟରେ ସଂପୂର୍ଣ୍ଣ ଘୋଡେଇ ଦେଇଥାଏ। ପ୍ରତ୍ୟେକ ଭକ୍ତ ମଣ୍ଡଳୀ ମଧ ଅବିରରେ ରଙ୍ଗାୟିତ ହୋଇ ଏକ ନିଆରା ରୂପ ଧାରଣ କରିବାରେ ଆନନ୍ଦିତ ହୋଇ ପୁଣି ବଞ୍ଚିଥିଲେ ଆସନ୍ତା ବର୍ଷକୁ ଦେଖା ହେବେବୋଲି ମନରେ ସଂକଳ୍ପ ନେଇଥାନ୍ତି। ଅନେକ ଭକ୍ତ ଭୋଗ କାର୍ଯ୍ୟାଳୟରେ ଭୋଗ ପାଇଁ ଅଗ୍ରିମ ଅର୍ଥ ଦାନକରି ଠିକଣା ଲେଖି ଆସିବାରେ ଠାକୁରଙ୍କ କାର୍ଯ୍ୟାଳୟର ଦାୟିତ୍ୱବାନ କର୍ମକର୍ତ୍ତା ଅଞ୍ଚଳର ମାନସିକ ଧାରି ଭକ୍ତମାନଙ୍କ ଘରେ ଘରେ ସୁସ୍ୱ ଭୋଗ ପୁଡ଼ିଆ ପହଞ୍ଚିବା ଏକ ନୂତନ ବିରଳ ପରମ୍ପରା ଏହି ଠାକୁରଙ୍କ ମହିମାକୁ ବହୁଗୁଣିତ କରେ। "ପଞ୍ଚୁଦୋଳ ପ୍ରସଙ୍ଗ" ପତ୍ରିକାର ସହସମ୍ପାଦକ କବି ବିପିନ ବେହେରାଙ୍କ କବିତା "ହରିରାଜପୁର ମେଳଣ"ରେ ଲେଖିଛନ୍ତି- "ହରିରାଜପୁର ମେଳଣ, ରଙ୍ଗ ଫିରିଫିରି ଫଗୁଣ, ଚଇଁ ଚିକିଚିକି ଆକାଶମଲ୍ଲୀ, ଝାଇଁ ଟିକିମିକି ଜମାଣ"........ ଉଚ୍ଚକୋଟୀର କବିତା ପାଇଁ ସ୍ୱାଗତ। ପତ୍ରିକାର କର୍ମକର୍ତ୍ତାଙ୍କୁ ଅଶେଷ ଧନ୍ୟବାଦ।

ହରିରାଜପୁର ମେଳଣ ଉଦ୍‌ଯାପନର ଅପୂର୍ବଦୃଶ୍ୟ:-

ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସମେତ ପାଖ ଆଖ ବିଭିନ୍ନ ଗ୍ରାମରୁ ଆସିଥିବା ଠାକୁରମାନେ ମେଳଣ ଆରମ୍ଭ ଜମାଣ ମଧ୍ୟରାତ୍ରରୁ ପରେ ୪ଦିନ ବ୍ୟାପି ଯାତ୍ରାର ମେଳଣ ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବ ଅବସରରେ ବହୁ ରାଜନେତା, ମାନସିକଧାରୀ, ସେଲିବ୍ରିଟ୍, ପାଲାକାର, ଆଇନଜୀବୀ,ଶିକ୍ଷାବିତ୍, ସର୍ବସାଧାରଣ, ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ସଂଖ୍ୟାରେ ଭକ୍ତ ଆବେଗଭରା ହୃଦୟରେ ବଞ୍ଚିଥିଲେ ଆର ବରଷକୁ ପୁଣି ଦେଖାହେବା ଆପଣଙ୍କ ସହିତ ବୋଲି ମନସ୍କାମନା କରିଥାନ୍ତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ। ସନ୍ଧ୍ୟାର ଗୋଧୂଳି ଲଗ୍ନରେ ହରିରାଜପୁର ମେଳଣ ଉଦ୍‌ଯାପିତ ହୁଏ। ମେଳଣ ପଡିଆରେ ଖୁଣ୍ଟଲାଗି ହୋଇଥିବା ବିଭିନ୍ନ ଗ୍ରାମର ଠାକୁରମାନଙ୍କ ନିକଟରେ ହାଣ୍ଡି ଭୋଗ ଓ ଡାଲାଭୋଗ ଲାଗି ହେବା ପରେ ପରେ ମେଳଣର ସ୍ଥାନାଦିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁଙ୍କ ନିକଟରେ ଭୋଗ ଲାଗି ଓ ଆଳତୀ କରାଯିବା ପରେ ଦିଅଁଙ୍କ ମେଳଣ ଆରମ୍ଭ ହୁଏ। ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିମାନକୁ ପ୍ରଥମେ ଅସ୍ଥାନରୁ ଉଠାଇ ରତ୍ନବେଦୀ ଆଡ଼କୁ ଅଣାଯିବା ପରେ ଅନ୍ୟ ସମସ୍ତ ଠାକୁର ନିଜ ନିଜ ବିମାନରେ ରତ୍ନବେଦୀ ଆଡ଼କୁ ଆସି ଦିଅଁ ମେଳଣରେ ଯୋଗଦେବାର ଅପୂର୍ବ ମନୋରମ ଧାର୍ମିକ ଦୃଶ୍ୟ ଏହି ମେଳଣର ସ୍ୱତନ୍ତ୍ର ପରମ୍ପରାକୁ ଚିହ୍ନଟ କରେ। ଆନନ୍ଦରେ ଲକ୍ଷାଧିକ ଭକ୍ତ ନରନାରୀଙ୍କ ତୁଣ୍ଡରେ ହରିବୋଲ ହୁଳହୁଳି ସମଗ୍ର ଅଞ୍ଚଳକୁ ଏକ ଭାବ ବିହ୍ୱଳ ଅପୂର୍ବ ଧାର୍ମିକ ପରିବେଶ ଭକ୍ତମାନଙ୍କ ଜୀବନକୁ ଧନ୍ୟ ମଣନ୍ତି। ପରେ ପରେ ଠାକୁରମାନେ ବିମାନରେ କାନ୍ଧୁଆଳିମାନଙ୍କ କାନ୍ଧରେ ଜୟ ଜୟ କାର ଧ୍ୱନିରେ ନିଜ ନିଜ ଗ୍ରାମକୁ ତ୍ୱରିତ ବେଗରେ ପ୍ରତ୍ୟାବର୍ତ୍ତନ କରନ୍ତି। ବାଳମୁକୁନ୍ଦଦେବ ମନ୍ଦିରକୁ ଯିବା ପରେ ପଶ୍ଚିମାଶମ୍ଭୁ ସୋମନାଥ ଦେବ ରାତ୍ରିରେ ଗ୍ରାମରେ ଋଚିରୀ ଭୋଗଖାଇ ଭୋରରୁ ନିଜ ମନ୍ଦିରକୁ ପ୍ରବେଶ କରନ୍ତି। ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କର ମାଘସ୍ନାନ ହେବାପରେ ମନ୍ଦିର ବେଢାକୁ ପ୍ରବେଶ କରନ୍ତି ଓ ମଧ୍ୟାହ୍ନରେ ତାଙ୍କ ନିକଟରେ ଅନ୍ନ ପ୍ରସାଦ ଲାଗୁ ହେବାପରେ ପ୍ରଭୁ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ବିଶ୍ରାମ କରିବାର ପରମ୍ପରା ରହିଛି।

ତେବେ ୧୪୯୪ ରୁ ୧୫୩୩ ଖ୍ରୀଷ୍ଟାବ୍ଦ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ନିର୍ମିତ ହୋଇଥାଇପାରେ। ୧୫୬୮ ରୁ ୧୬୦୦ ଖ୍ରୀଷ୍ଟାବ୍ଦ ପ୍ରଥମ ରାମଚନ୍ଦ୍ର ଦେବଙ୍କ ସମୟେ ଠାକୁରଙ୍କ ଭୋଗମଣ୍ଡପ ତିଆରି କରିବାରେ ରଥିପୁରର ଗଡ଼ନାୟକ ଶ୍ରୀ ମାଧବ ଶ୍ରୀଚନ୍ଦନ ନିର୍ମାଣ କରିଥିଲେ ବୋଲି କୁହାଯାଏ। ଏଠାରେ ପୂର୍ବରୁ ଗୋରୁ ହାଟରେ ଗୋରୁ କିଣାବିକା, କାଠ ତିଆରି ଦ୍ରବ୍ୟ, ବାଉଁଶ, ପଥର, ଲୁହା ଆଦି ଜିନିଷ ମାସ ମାସ ଧରି ବିକ୍ରୀହୁଏ ଯାହା କ୍ରମେ କ୍ରମେ ହ୍ରାସ ପାଉଛି। ଏବେ ଏହି ଶ୍ରୀ ସୋମନାଥଙ୍କ ପୀଠରେ ଜାଗର ଯାତ୍ରା, ବାଦିପାଲା, ଯଜ୍ଞ, ମାନସିକ ବ୍ରତ, ବିବାହ ଆଦି ଭକ୍ତିର ସହ କରାଯିବା ସ୍ୱାଗତଯୋଗ୍ୟ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମହିମା ବୃଦ୍ଧି ଓ ବିକାଶ ଦିଗରେ ଚେଷ୍ଟା କରିବା। ମେଳଣ ପତ୍ରିକା "ପଶ୍ଚିମାଶମ୍ଭୁ" ପ୍ରକାଶନ ସ୍ୱାଗତ ଯୋଗ୍ୟ। ପଞ୍ଚୁଦୋଳ ପ୍ରସଙ୍ଗ ଜଗତବାସୀ ସୁଖରେ ରୁହନ୍ତୁ। ଓଁ ଶାନ୍ତି, ଶାନ୍ତି, ଶାନ୍ତି।

*ବଡ଼ତୋଟା, ଜଟଣୀ, ଖୋର୍ଦ୍ଧା*
*ମୋ-୮୦୧୮୮୫୨୦୯୫*

# ଗୋରା ଦେଶ ମାନଙ୍କର ଔପନିବେଶିକ ମାନସିକତା

ଗୋରା ଦେଶ ମାନଙ୍କର ଏକ ଭିନ୍ନ ପ୍ରକାର ସମସ୍ୟା ରହିଛି । ସେମାନଙ୍କର ଔପନିବେଶିକ ମାନସିକତା ଏବେ ବି ଯାଇ ନାହିଁ । ସେମାନେ ଆଜି ବି ନିଜକୁ ସାରା ବିଶ୍ୱର ବିଶେଷ ଭାବେ ଏସିଆ ଓ ଆଫ୍ରିକାର ଦେଶ ମାନଙ୍କୁ ଶାସନ କରୁଥିବା ଭଳି ମାନସିକତାରେ ଅଛନ୍ତି । ସେମାନେ ଆଜି ବି ମନେ କରୁଛନ୍ତି ଯେ ଏସିଆ ଓ ଆଫ୍ରିକାର ଦେଶ ମାନେ କିଛି ଜାଣନ୍ତି ନାହିଁ, ସେଠାରେ କଣ ହେଉଛି, କଣ ନ ହେଉଛି ସେ ସମ୍ପର୍କରେ ଆମେ ସେମାନଙ୍କୁ ଜ୍ଞାନ ଦେବୁ । ସେମାନେ କଣ କରିବା ଉଚିତ, କଣ କରିବା ଉଚିତ ନୁହେଁ,ସେ ବିଷୟରେ ସେମାନଙ୍କୁ କହିବୁ । ସେମାନଙ୍କର ଆଭ୍ୟନ୍ତରୀଣ ମାମଲାରେ ଆମେ ବକ୍ତବ୍ୟ ଦେବୁ । ଏହି ଗୋରା ୟୁରୋପୀୟ ଦେଶ ମାନେ ଏସିଆ ଓ ଆଫ୍ରିକୀୟ ଦେଶ ମାନଙ୍କ ଉପରେ ଦୀର୍ଘ ସମୟ ଧରି ଶାସନ କରିଥିଲେ ଓ ଏହି ଦେଶ ମାନଙ୍କର ଲୋକ ମାନଙ୍କୁ ଶୋଷଣ କରିବା ସହ ବିପୁଳ ମାତ୍ରାରେ ଅର୍ଥ ଲୁଟ କରି ବଡ ବଡ ଅର୍ଥନୀତି ହୋଇଥିଲେ । ୟୁରୋପର ବିଭିନ୍ନ ଦେଶ ମାନେ ଏସିଆ ଓ ଆଫ୍ରିକାର ବିଭିନ୍ନ ଦେଶ ଉପରେ ଦୀର୍ଘ ଦିନ ଉପନିବେଶ ସ୍ଥାପିତ କରିଥିଲେ । ମାତ୍ର ସେମାନଙ୍କର ଉପନିବେଶ ଶେଷ ହୋଇ ଯିବା ସତ୍ତ୍ୱେ ସେମାନଙ୍କର ମାନସିକତାରେ କୌଣସି ପ୍ରକାର ପରିବର୍ତ୍ତନ ଆସିଥିବା ଭଳି ଜଣା ପଡୁ ନାହିଁ । ସେମାନଙ୍କର ଔପନିବେଶିକ ମାନସିକତା ପୂର୍ବ ପରି ରହିଛି । ବିଶେଷ ଭାବେ ଏବେ ଏସିଆ ଓ ଆଫ୍ରିକାର ଦେଶ ମାନେ ଯେତେବେଳ ଆର୍ଥିକ ଓ ଅନ୍ୟ କ୍ଷେତ୍ରରେ ପ୍ରଗତି କରୁଛନ୍ତି ସେତେବେଳେ ଏହି ଗୋରା ୟୁରୋପୀୟ ଦେଶ ମାନେ ତାକୁ ଦେଖି ସହ୍ୟ କରି ପାରୁ ନାହାନ୍ତି । ସେତେବେଳେ ତାଙ୍କର ଏହି ଔପନିବେଶିକ ମାନସିକତାର ପ୍ରତିଫଳନ ଦେଖିବାକୁ ମିଳୁଛି ।

ଏବେ ଠିକ ଏହି ପରି ଏକ ଘଟଣା ସାମନାକୁ ଆସିଛି । ମଣିପୁରରେ କିଛି ଦିନ ତଳେ ହୋଇଥିବା ହିଂସାକୁ ନେଇ ଏହି ଗୋରା ଦେଶ ମାନଙ୍କର ସଂଘ ଅର୍ଥାତ ୟୁରୋପୀୟ ସଂଘ ପକ୍ଷରୁ ଏକ ପ୍ରସ୍ତାବ ପାରିତ କରାଯାଇଛି । ଏହି ପ୍ରସ୍ତାବରେ କୁହା ଯାଇଛି ଯେ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ ମାନଙ୍କ ପ୍ରତି ଅସହିଷ୍ଣୁତା କାରଣରୁ ମଣିପୁରରେ ଏଭଳି ସ୍ଥିତି ଉପୁଜିଛି । ଏହି ପ୍ରସ୍ତାବରେ ଭାରତ ଉପରେ ରାଜନୀତି ଦ୍ୱାରା ପ୍ରେରିତ ନୀତି ଆପଣା ଯାଉଥିବାର ଅଭିଯୋଗ କରାଯାଉଛି । ମଣିପୁରରେ ଇଂଟରନେଟ ସେବା ବନ୍ଦ କରାଯିବାକୁ ନେଇ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି ।

ଏବେ କିଛି ଦିନ ତଳେ ୟୁକ୍ରେନ- ଋଷ ଯୁଦ୍ଧ ଆରମ୍ଭ ବେଳେ ଏହି ଗୋରା ଦେଶ ମାନେ ଚାହିଁଥିଲେ ଯେ ସେମାନେ ଯାହା ଚାହାନ୍ତି, ଭାରତ ସେପରି କରୁ । ସେମାନେ ଚାହୁଁଥିଲେ ଯେ ଭାରତ ଋଷର ବିରୋଧ କରୁ । ଋଷ ଉପରେ ଆର୍ଥିକ କଟକଣା ଲାଗୁ କରିବାକୁ ଏହି ଗୋରା ଦେଶମାନଙ୍କ ଘୋଷଣା କରିବା ପରେ ଭାରତ ଏହାକୁ ପାଳନ କରୁ ବୋଲି ସେମାନେ ଆଶା କରିଥିଲେ । କିଛି ଗୋରା ୟୁରୋପୀୟ ଦେଶ ଏ ସମ୍ପର୍କରେ ଭାରତ ଉପରେ ଚାପ ପ୍ରୟୋଗ କରିବାକୁ ମଧ୍ୟ ଚେଷ୍ଟା କରିଥିଲେ । ମାତ୍ର ଭାରତ ଏହି ୟୁରୋପୀୟ ଦେଶ ମାନଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବା ପରିବର୍ତ୍ତେ ସ୍ପଷ୍ଟ କରିଥିଲା ଯେ ଭାରତ ତାର ଜାତୀୟ ସ୍ୱାର୍ଥକୁ ଆଧାର କରି ନିଷ୍ପତି ନେବ । ଭାରତର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ । ଉଭୟ ଦେଶ ବସି ଆଲୋଚନା କରି ମାମଲାର ସମାଧାନ କରିବା ଉଚିତ । କେବଳ ସେତିକି ନୁହେଁ ୟୁରୋପୀୟ ୟୁନିଅନ ଓ ଆମେରିକା ଦ୍ୱାରା କଟକଣା ଲଗା ଯିବା ସତ୍ତ୍ୱେ ଭାରତ ଋଷ ଠାରୁ ଅଶୋଧିତ ତୈଳ କ୍ରୟ କରିବା ଆରମ୍ଭ କରି ଦେଇଥିଲା । ଏହି ୟୁରୋପୀୟ ଗୋରା ଦେଶ ମାନଙ୍କ ପାଇଁ ଏହା ବଡ କଷ୍ଟକର ସମୟ ଥିଲା । କାରଣ ସେମାନେ ଭାବି ପାରୁ ନ ଥିଲେ ଯେ ଭାରତ ଭଳି ଦେଶ ତାଙ୍କର ପରାମର୍ଶକୁ ଖାରଜ କରି ଋଷରୁ ଅଶୋଧିତ ତୈଳ କ୍ରୟ କରୁଛି । ତେଣୁ ଭାରତର ବିଶ୍ୱ ରାଜନୀତିରେ ବଢୁଥିବା ଭାବମୂର୍ତି, ଶକ୍ତି ଓ ଗୋରା ମାନଙ୍କର କଥାକୁ ଭୃକ୍ଷେପ ନ କରି ନିଜ ଦେଶର ସ୍ୱାର୍ଥକୁ କେନ୍ଦ୍ର କରି ନିଷ୍ପତି ଗ୍ରହଣ କରିବା ୟୁରୋପୀୟ ୟୁନିୟନକୁ ହଜମ ହେଉ ନାହିଁ । ତେଣୁ ୟୁରୋପୀୟ ୟୁନିୟନ ଏଭଳି ଅବାଂଛିତ ପ୍ରସ୍ତାବ ଭାରତ ସମ୍ପର୍କରେ ପାରିତ କରିଛି । ଏହି ପ୍ରସ୍ତାବକୁ ୟୁରୋପୀୟ ୟୁନିୟନର ଫ୍ରଷ୍ଟ୍ରେସନ ରୁପେ ମଧ୍ୟ ଦେଖା ଯାଇ ପାରେ ।

ମଣିପୁର ସମ୍ପର୍କରେ ୟୁରୋପୀୟ ୟୁନିୟନର ଏଭଳି ଟିପ୍ପଣୀ କୌଣସି ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ । ଏହା ସିଧା ସିଧା



**ଡ.ସମନ୍ୱୟ ନନ୍ଦ**

କୌଣସି ସାର୍ବଭୌମ ଦେଶର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପର ପ୍ରୟାସ । କୌଣସି ସ୍ୱାଭିମାନୀ ଦେଶ ତାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଅନ୍ୟ କେହି ଦେଶ ଏପରି ମନ୍ତବ୍ୟ ଦେଉ ତାହାକୁ ସ୍ୱୀକାର କରେ ନାହିଁ । କିନ୍ତୁ ୟୁରୋପୀୟ ୟୁନିୟନ ଏବେ ମଧ୍ୟ ସେହି ପୂର୍ବର ମାନସିକତାରେ ଥିବାରୁ ଏଭଳି ବକ୍ତବ୍ୟ ଦେଇଛି ।

ତେବେ ଭାରତ ସରକାର ଏହି ପ୍ରସଙ୍ଗରେ ଯେଉଁଭଳି କଡା ଉତର ଦେବା କଥା ସେପରି ଉତର ଦେଇଛନ୍ତି । ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ମାମଲାରେ ଏଭଳି ହସ୍ତକ୍ଷେପକୁ କଦାପି ସ୍ୱୀକାର କରାଯାଇ ପାରିବ ନାହିଁ ।

ସେ କହିଛନ୍ତି, '' ଆମେ ଦେଖିଛୁ ଯେ ୟୁରୋପୀୟ ସଂଘର ପାର୍ଲିଆମେଂଟରେ ମଣିପୁରର ବର୍ତମାନ ସ୍ଥିତିକୁ ନେଇ ଆଲୋଚନା କରାଯାଇଛି ଓ ତଥାକଥିତ ଭାବେ ଏକ ତାତ୍କାଳିକ ପ୍ରସ୍ତାବ ପାରିତ କରାଯାଇଛି । ଭାରତର ଆଭ୍ୟନ୍ତରୀଣ ମାମଲାରେ ଏଭଳି ହସ୍ତକ୍ଷେପ ଆମ ପାଇଁ ଅସ୍ୱୀକାର୍ଯ୍ୟ। ଏହା ୟୁରୋପୀୟ ୟୁନିୟନର ଔପନିବେଶିକ ମାନସିକତାକୁ ଦର୍ଶାଉଛି।''

ସେ କହିଛନ୍ତି ଯେ ନ୍ୟାୟପାଳିକା ସମେତ ସମସ୍ତ ସ୍ତରରେ ଭାରତୀୟ ଅଧିକାରୀ ମଣିପୁର ସ୍ଥିତି ସମ୍ପର୍କରେ ଅବଗତ ଅଛନ୍ତି ଓ ଶାନ୍ତି, ସଦଭାବ ଓ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ଉଠାଉଛନ୍ତି ।

ଏହି ପ୍ରସ୍ତାବ ସମ୍ପର୍କରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ସେ କହିଛନ୍ତି, ''ୟୁରୋପୀୟ ୟୁନିୟନର ପାର୍ଲିଆମେଂଟକୁ ପରାମର୍ଶ ଦିଆଯିବ ଯେ ସେମାନେ ନିଜର ସମୟ ନିଜର ଆଭ୍ୟନ୍ତରୀଣ ପ୍ରସଙ୍ଗ ଗୁଡିକ ପାଇଁ ଅଧିକ ଉତ୍ପାଦକ ଢଙ୍ଗରେ କରନ୍ତୁ।''

ଭାରତ ସରକାର ୟୁରୋପୀୟ ୟୁନିୟନକୁ ଏ ସମ୍ପର୍କରେ ଅତ୍ୟନ୍ତ କୂଟନୈତିକ ଭାଷାରେ କଠୋର ଉତର ଦେଇଛନ୍ତି । ଏହା ଠାରୁ ଅଧିକ କଡା ଭାଷାରେ ଉତର ଦେବା ବୋଧ ହୁଏ ସମ୍ଭବ ହୋଇ ନ ଥାନ୍ତା । ତେବେ ଔପନିବେଶିକ ମାନସିକତାରେ ଥିବା ଏହି ଗୋରା ଦେଶ ମାନେ ଭାରତ ଠାରୁ ଏଭଳି ପ୍ରତିକ୍ରିୟା ପାଇଁ ମଧ୍ୟ ଆଶା କରି ନ ଥିବେ । ତେଣୁ ସେମାନଙ୍କୁ ବଡ ଧକ୍କା ଲାଗିବା ସ୍ୱାଭାବିକ । ଏହା ଦ୍ୱାରା ଯେ ସେମାନେ ତାଙ୍କର ଔପନିବେଶିକ ମାନସିକତାରେ ପରିବର୍ତନ ଆଣିବେ ବୋଲି ଭାବିବା ଭୁଲ ହେବ ।




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ । ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍ଭଲପ୍, ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ । ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଶିଶୁପାଳଗଡ ଏବଂ ଲିଙ୍ଗିପୁର ଗ୍ରାମପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି । ସିଡ ପୋଷ୍ଟ ସେବା ଏହି ଶାଖା ଡାକଘରରେ ଉପଲବ୍ଧ ଥିଲେ ମଧ୍ୟ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ । ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ । ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି । ଯାହାଫଳରେ ୪ କିଲୋମିଟର ଦୂର ଓଲଡ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି । ହାହାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି) । କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ । ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂରକୁ ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି । ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି । ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି । ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ । ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ ଦୀପତଳ ଅନ୍ଧାର ଭଳି ଲାଗୁଛି । ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି । ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି । ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି । କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି । ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି । ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି । ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ । କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି । କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି । ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା । ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ।

# ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ । ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି ।

## ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଲୀ ଦେବସ୍ମିତା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଢିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି । ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି । ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ । ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି । ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ । ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ ।ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି ।ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି ।ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି ।ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା,ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ,ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ । ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା । ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା । ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ୨୨୬/ ୨୨ରେ ଏକ ମାମଲା ରୁଜୁ କରିଥିଲେ । ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି । ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା । ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ପୁପୁ ମହାପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ । ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ । ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା । ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି । ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ । ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ । ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ ।

# ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ । ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ । ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday March 21 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୨୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com







ଚଣ୍ଡିଖୋଲ ନିକଟସ୍ଥ କ୍ଷେତ୍ରପାଳ ଗ୍ରାମର ଶତାୟୁ ସିଦ୍ଧ ନାରାୟଣ ବାଦିପାଲା ଅନୁଷ୍ଠାନ ପକ୍ଷରୁ ଦୀର୍ଘ ଏଗାର ଦିନ ଧରି ଅନୁଷ୍ଠିତ ହେବାକୁଥିବା ପାଲା ପରିବେଷଣ କାର୍ଯ୍ୟକ୍ରମକୁ ଉପସ୍ଥିତ ଜନସାଧାରଣ ଉପଭୋଗ କରୁଛନ୍ତି ।

## ଥେରୁବାଲିରେ ଗ୍ରାମୀଣ ବେରୋଜଗାର ଯୁବକ/ଯୁବତୀମାନଙ୍କ ପାଇଁ ଉଦ୍ୟୋଗିକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ



ଭୁବନେଶ୍ୱର,(ପି.ଏନ): ଥେରୁବାଲି ଅଞ୍ଚଳର ବେରୋଜଗାର ଯୁବକମାନଙ୍କୁ ଉଦ୍ୟୋଗିକ ଜ୍ଞାନ କୌଶଳ ବିଷୟରେ ସଚେତନତା ସୃଷ୍ଟି ସେମାନଙ୍କୁ ସଶକ୍ତ କରିବାର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଥେରୁବାଲି ସ୍ଥିତ ଗୋପବନ୍ଧୁନଗର ରେ ଅବସ୍ଥିତ ଇମ୍ଫା ଶ୍ରମିକ କ୍ଲବ ପରିସରରେ ଇମ୍ଫା ଏବଂ ବଂଶୀଧର ଓ ଇଳାପଣ୍ଡା ଫାଉଣ୍ଡେସନ ଆନୁକୂଲ୍ୟରେ,ଜିଲ୍ଲା ଶିଳ୍ପ କେନ୍ଦ୍ର ରାୟଗଡର ସହଯୋଗରେ ଗ୍ରାମୀଣ ବେରୋଜଗାର ଯୁବକ,ଯୁବତୀମାନଙ୍କ ପାଇଁ ଏକ ଉଦ୍ୟୋଗିକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଇମ୍ଫା ଥେରୁବାଲିର ଉପ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମାନ ଆଶିଷ କୁମାର ରାୟ ଙ୍କ ପୃଷ୍ଠପୋଷକତା ଓ ପରାମର୍ଶ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଶ୍ରୀ ବିଜୟ କୁମାର ସାହୁ, ମୁଖ୍ୟ ପରିଚାଳକ , ଜିଲ୍ଲା ଶିଳ୍ପ କେନ୍ଦ୍ର ରାୟଗଡ ଯୋଗ ଦେଇ ଇମ୍ଫାର ଯାନ୍ତ୍ରିକ ବିଭାଗର ସଧାରଣ ପରିଚାଳକ ଶ୍ରୀ ଏମ୍. ଶ୍ରୀନିବାଶ, ଶ୍ରୀ ସମୀର ରାଉତ, ଉପମୁଖ୍ୟ ପରିଚାଳକ (ମାନବ ସମ୍ବଳ ଓ ପ୍ରଶାସ ନ , ବିଶିଷ୍ଟ ସାମାଜିକ କର୍ମୀ ତଥା ସ୍ଥାନୀୟ ପଲ୍ଲୀ ବିକାଶ ସ୍ବେଚ୍ଛାସେବୀ ଅନୁଷ୍ଠାନ ର ନିର୍ଦ୍ଦେଶକ ଶ୍ରୀମାନ ରାଧାଶ୍ୟାମ ପଣ୍ଡା ଥେରୁବାଲିର ସରପଞ୍ଚ, ସୁଶ୍ରୀ ମମତା ପୁଲକା, କେଲିଗୁଡାର ସରପଞ୍ଚ ଶ୍ରୀମତୀ ସୁସାନ୍ତୀ କୁଟ୍ରୁକା ଏବଂ କୋଲୋନାରା ପଞ୍ଚାୟତ ସମିତିର ଉପାଧ୍ୟକ୍ଷଙ୍କ ଶ୍ରୀ ହଳଧର ହିମିରିକା ଙ୍କ ସଦୟ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୧୦ ଜଣ ଯୁବ ଶିଳ୍ପଉଦ୍ୟୋଗୀ ଯୁବକ ଓ ଯୁବତୀ ମାନେ ଉତ୍ସାହର ସହ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ରାୟଗଡ ର ମୁଖ୍ୟ ପରିଚାଳକ ଓ ତାଙ୍କର ସହକର୍ମୀ ଗଣ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଉପଲବ୍ଧ ସରକାରୀ ଯୋଜନାବଳୀ ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ଓ ଏହାର କାର୍ଯ୍ୟକାରିତା ବିଷୟରେ ସଚେତନତା ପ୍ରଦାନ କରିଥିଲେ।ଶ୍ରୀ ଏମ୍. ଶ୍ରୀନିବାଶ ଏବଂ ଶ୍ରୀ ସମୀର ରାଉତ ଥେରୁବାଲିରେ ଏଭଳି ଏକ ମୂଲ୍ୟବାନ କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ଯୋଗୁଁ ଜିଲ୍ଲା ଶିଳ୍ପ କେନ୍ଦ୍ର କୁ ଧନ୍ୟବାଦ ଜଣାଇଥିଲେ। ଲଘୁ ଉଦ୍ୟୋଗି ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେକାର ଯୁବକ ଯୁବତୀ ଇମ୍ଫା ଏବଂ ବଂଶୀଧର ଓ ଇଳାପଣ୍ଡା ଫାଉଣ୍ଡେସନ ତରଫରୁ ସହାୟତା ଯୋଗାଇଦେବାକୁ ପ୍ରତିଶୃତି ଦେଇଥିଲେ । ଶ୍ରୀ ରାଧାଶ୍ୟାମ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଶ୍ରୀ ଦୀପକ କୁମାର ଓଝା , ସହକାରୀ ପ୍ରବନ୍ଧକ (ଲୋକ ସମ୍ପର୍କ ) ଇମ୍ଫା ଅତିଥି ମାନଙ୍କୁ ସ୍ୱଗତ ଜଣାଇଥଲେ ଓ ବଂଶୀଧର ଓ ଇଳାପଣ୍ଡା ଫାଉଣ୍ଡେସନ ର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ପ୍ରଭାକର ପଣ୍ଡା ଅତିଥି ଓ ଅଂଶଗ୍ରହଣକାରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଲୋକସମ୍ପର୍କ ବିଭାଗର କନିଷ୍ଠ ଅଧିକାରୀ ଶ୍ରୀମାନ୍ ମାନସ ମହାପାତ୍ର ଓ ରବି କୌଶଲ୍ୟା ଓ ବଂଶୀଧର ଓ ଇଳାପଣ୍ଡା ଫାଉଣ୍ଡେସନ ତରୁଣ , ମାନସୀ , ଚମ୍ପା , ଲିପ୍ସା , ଅର୍ଚ୍ଚନା ଆଦି କର୍ମଚାରୀଙ୍କର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଥିଲା।

## ଏମ୍ପାୟାର୍ସ ପକ୍ଷରୁ ପାରାଦୀପ ରେ ଆନ୍ତର୍ଜାତୀୟ ପଖାଳ ଦିବସ ପାଳିତ

ପାରାଦୀପ (ପି.ଏନ): ମାର୍ଚ୍ଚ ୨୦ ତାରିଖ ଆନ୍ତର୍ଜାତୀୟ ପଖାଳ ଦିବସ ପରିପ୍ରେକ୍ଷୀରେ ପାରାଦୀପ ସ୍ଥିତ ହୋଟେଲ ଏମ୍ପାୟାର୍ସ ପକ୍ଷରୁ ଏହି ଦିବସ ପାଳନ ର ଶୁଭାରମ୍ଭ ହୋଇଯାଇଛି କ୍ଷ ଗୁରୁବାର ଦିନ ହୋଟେଲ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ହୋଟେଲ ର ସାଧାରଣ ପରିଚାଳକ ସନ୍ତୋଷ ମିଶ୍ର, ସିନିଅର ମାର୍କେଟିଙ୍ଗ ଓ ସେଲ୍ସ ମ୍ୟାନେଜର ଏମ.ଏମ.ଖାନ ଏବଂ ସେଫ ବା ମୁଖ୍ୟ କୁକ ମନମୋହନ ମଲ୍ଲିକ ପ୍ରତିବର୍ଷ ପରି ଚଳିତ ଗ୍ରୀଷ୍ମ କାଳରେ ହୋଟେଲ ପକ୍ଷରୁ ସୁସ୍ୱାଦୁ ଓଡିଶା ର ପ୍ରସିଦ୍ଧ ପଖାଳ ଆକର୍ଷଣୀୟ ମୂଲ୍ୟରେ ପରିବେଷଣ କରାଯିବ ବୋଲି ସୂଚନା ଦେଇଥିଲେ କ୍ଷ ଏଥିରେ ପଖାଳ ସହିତ ଚୁନା ମାଛ ଭଜା, ଭାକୁର ମାଛ ଫ୍ରାଏ, ଚିଙ୍ଗୁଡ଼ି ଭଜା, ଶୁଖୁଆ ରାଇ, ଛୁଇଁ ଭଜା, ବଡିଚୁରା, ସାଗ ଭଜା, ଆଳୁ ଭର୍ତ୍ତା, ବାଇଗଣ ଭର୍ତ୍ତା, ପୋଟଳ ଭଜା, ଆମ୍ବ ଚଟଣି, କେରଳା ଚିପ୍ସ, ଟମାଟୋ ଚଟଣି, ପାଚିଲା ଆମ୍ବ ଓ ବିଭିନ୍ନ ପ୍ରକାରର ମିଠା ପରିବେଷଣ କରାଯିବ ପଖାଳ ପରିବେଷଣ କରାଯିବ । ଏହି ମାସାଧିକାଲା ପଖାଳ ପରିବେଷଣ କାର୍ଯ୍ୟକ୍ରମରେ ସାଧାରଣରେ ବହୁ ସଂଖ୍ୟାରେ ଯୋଗଦେଇ ଏହି ପ୍ରସିଦ୍ଧ ଓଡ଼ିଆ ଖାଦ୍ୟର ଭରପୁର ମଜା ନେବାକୁ ହୋଟେଲ କର୍ତୃପକ୍ଷ ଙ୍କ ତରଫରୁ ନିମନ୍ତ୍ରଣ କରାଯାଇଛି ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ପ୍ରସ୍ତୁତିକୁ ସମୀକ୍ଷା କଲେ ଜିଲ୍ଲାପାଳ





ରକ୍ଷୟଗଡ଼,(ପି.ଏନ): ଚଳିତ ଗ୍ରୀଷ୍ମ ପ୍ରବାହ ଜନିତ ସମସ୍ୟାକୁ ମୁକାବିଲା କରିବା ନିମନ୍ତେ ରାୟଗଡ ଜିଲ୍ଲାରେ ପ୍ରସ୍ତୁତିକୁ ଆଜି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ସମୀକ୍ଷା କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ନାୟକ, ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକକ୍ଷରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ,ଜିଲ୍ଲାପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣଦୀପ ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ ଜେନାଙ୍କ ଉପସ୍ଥିତ ରେ ସମୀକ୍ଷା କରିଥିଲେ । ବୈଠକରେ ମୁଖ୍ୟତଃ ଗ୍ରୀଷ୍ମ ଋତୁରେ ପ୍ରତ୍ୟେକ ଗ୍ରାମ ପଂଚାୟତ, ସହରାଞ୍ଚଳ ଓ ଜନଗହଳି ସ୍ଥାନ ମାନଙ୍କରେ ଜଳଛତ୍ର ଖୋଲିବା। ନିମନ୍ତେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜଳକ୍ଲୀଷ୍ଟ ସ୍ଥାନମାନଙ୍କରେ ନଳକୂପ ପରୀକ୍ଷା ନିରୀକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି କରିବାକୁ କହିଛନ୍ତି । ଜଳକ୍ଲୀଷ୍ଟ ସ୍ଥାନ ମାନଙ୍କ ଚିହ୍ନଟକରି ଆବଶ୍ୟକ ସ୍ଥଳେ ନୂତନ ନାଳକୂପ ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ଖନନ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ମାନଙ୍କୁ ଓ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥାର ଅଧିକାରୀଙ୍କୁ ଜିଲ୍ଲାପାଳ କହିଛନ୍ତି କ୍ଷ ପ୍ରତ୍ୟେକ ବ୍ଲକରେ ଓ ସହରାଞ୍ଚଳରେ ନିୟନ୍ତ୍ରଣ କକ୍ଷ ଖୋଲାଯିବ । ପାଣି ସମସ୍ୟା ସମାଧାନ ନିମନ୍ତେ ସମସ୍ତ ବିଡିଓ ମକ୍ଷନେ ନିଜଆଡୁ ସ୍ୱତପ୍ରବୃତ ଭାବରେ ସମାଧାନ କରିବେ । ଗ୍ରଷ୍ମ ପ୍ରବାହ ବିମନ୍ତେ ସତର୍କତା ଅବଲମ୍ବନ ନିମନ୍ତେ ବ୍ୟାପକ ଜଣସଚେତନତା କରାଯିବ କ୍ଷ ଅଙ୍ଗନବାଡି କେନ୍ଦ୍ର ଆସନ୍ତା କାଲି ସକାଳ ୭ଘଟିକାରୁ ୯ଘଟିକା ପର୍ଯ୍ୟନ୍ତ ଚାଲିବ ।ବିଦ୍ୟାଳୟ ଆସନ୍ତା କାଲି ଠାରୁ ସକାଳୁଆ ହେବ । ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ରରେ ଯଥେଷ୍ଟ ପାଣି ଓ ଓଆରଏସ ମହଜୁଦ ରଖିବାକୁ ଜିଲ୍ଲାପାଳ ନିର୍ଶେ ଦେଇଛନ୍ତି । ପ୍ରତ୍ୟେକ କାର୍ଯ୍ୟ ୧୧. ୦୦ଘଟିକାରୁ ଦିନ ୩. ୦୦ଘଟିକା ପର୍ଯ୍ୟନ୍ତ ବନ୍ଦ ରହିବ ଓ ସେଠାରେ ପିଇବା ପାଣି ଓ ଚାମୁଣ୍ଡା ବ୍ୟବସ୍ଥା କରାଯିବ କ୍ଷ ବସ ଚଳାଚଳ ମଧ୍ୟ ସକାଳ ୧୧. ୦୦ଘଟିକାରୁ ଅପରାହ୍ନ ୩. ୦୦ଘଟିକା ପର୍ଯ୍ୟନ୍ତ ଚଳାଚଳ ବନ୍ଦ ରହିବ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅବଶୁଘାତ ରୋଗୀ ମାନଙ୍କ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର କୋଠରୀ ମହଜୁଦ ରହିବ ଓ ନିୟନ୍ତ୍ରଣ କେନ୍ଦ୍ର ଖୋଲିବ । ବନବିଭାଗ ତରଫରୁ ଜଙ୍ଗଲ ନିଆଁ ଲିଭାଇବା ବିମନ୍ତେ ପଦକ୍ଷେପ ନେବେ । ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଓ ପିଇବା ପାଣି ବ୍ୟବସ୍ଥା କରିବେ । ବିଦ୍ୟୁତ ବିଭାଗ ତରଫରୁ ଅନବରତ ବିଦ୍ୟୁତ ଯୋଗାଇବେ । ଅଗ୍ନି ସମ୍ପ ବିଭାଗ ତରଫରୁ ସତର୍କ ରହିବାକୁ କୁହାଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀମକ୍ଷନେ ଯୋଗଦେଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray